## ସଂକ୍ଷେପରେ

### ୫ ସ୍କୁଲକୁ ଦିଆଗଲା ଜମିପଟ୍ଟା

ଭଣ୍ଡାରିପୋଖରୀ,୧୧।୭ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ତହସିଲ ପକ୍ଷରୁ ୫ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯାଇଛି। ତହସିଲଦାର ସରୋଜକାନ୍ତ ନାୟକ ଗୁରୁବାର ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରାଇଙ୍କ ଉପସ୍ଥିତିରେ ଜଳମଣ୍ଡୁଆ ପଞ୍ଚାୟତର କରଞ୍ଜି-ଗୁଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୀରହସନପୁର, ଜଳମଣ୍ଡୁଆ, ନିର୍ଗୁଣ୍ଡି ଓ ଚାରବାଟିଆ ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନ ସମ୍ପୃକ୍ତ ସ୍କୁଲ ନାମରେ ସ୍ଥିତିବାନ ପଟ୍ଟା ପ୍ରଦାନ କରିଛନ୍ତି। ୫ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିବା ଜମି ବିଭିନ୍ନ ବ୍ୟକ୍ତିବିଶେଷଙ୍କ ନାମରେ ରହିଥିଲା। ନିଜସ୍ୱ ଜମି ପଟ୍ଟା ଅଭାବରୁ ସ୍କୁଲର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ ଜମି ପ୍ରଦାନ ନିଷ୍ପତ୍ତିକ୍ରମେ ଜିଲାର ପ୍ରଥମ ତହସିଲ ଭାବେ ଭଣ୍ଡାରିପୋଖରୀ ତହସିଲ ପକ୍ଷରୁ ଜମିପଟ୍ଟା ପ୍ରଦାନ କରାଯାଇଛି। ଏଥିପାଇଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ବ୍ଲକ ଶିକ୍ଷାଧିକାରୀ ତରାଇ ପ୍ରଧାନଶିକ୍ଷକମାନଙ୍କୁ ସେମାନଙ୍କ ସ୍ୱତନ୍ତ୍ର ଉଦ୍ୟମ ପାଇଁ ସମ୍ମାନିତ କରିଛନ୍ତି।

### ବାଇକ୍ ଧକ୍କାରେ ଶ୍ରମିକ ମୃତ

ଭଣ୍ଡାରିପୋଖରୀ,୧୧।୭(ରାଜେନ୍ଦ୍ର ଶତପଥୀ) ଭଣ୍ଡାରିପୋଖରୀ ଥାନା ଅଧୀନ ନଗୁଆଁ କେନାଲ ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ଶ୍ରମିକ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଦକ୍ଷିଣବାଡ଼ ଗ୍ରାମର କାଳିଆ ମାଝୀ(୪୮)। ସେ ସାଇକେଲରେ କେନ୍ଦୁଆପଦାରୁ ହାଇଲେଭଲ କେନାଲ ରାସ୍ତାରେ ଘରକୁ ଫେରୁଥିବା ବେଳେ ପଛପଟୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତାକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ କାଳିଆଙ୍କ ଭାଇ ନାରାୟଣ ମାଝୀଙ୍କ ଏତଲାକ୍ରମେ ଥାନାରେ ମାମଲା (ନଂ. ୩୦୨/୨୪) ରୁଜୁ ହୋଇଛି।

### ଭଦ୍ରକରେ ମିଳିଲା ଉତ୍କଳ ପ୍ରସଙ୍ଗର ରଥଯାତ୍ରା ବିଶେଷାଙ୍କ

ଭଦ୍ରକ,୧୧।୭ (ସନାତନ ରାଉତ/ ରବିନାରାୟଣ ଖିଲାର)

ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ଓଡ଼ିଆ ଭାଷାରେ ପ୍ରକାଶିତ ହେଉଥିବା ମାସିକ ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଓ ଇଂଲିଶରେ 'ଓଡ଼ିଶା ରିଭ୍ୟୁ'ର ରଥ ବିଶେଷାଙ୍କ ପବିତ୍ର ରଥଯାତ୍ରା ଅବସରରେ ଉନ୍ମୋଚିତ ହୋଇସାରିଛି। ଭଦ୍ରକ ଜିଲା ପାଇଁ ଉତ୍କଳ ପ୍ରସଙ୍ଗର ରଥ ବିଶେଷାଙ୍କ ସ୍ଥାନୀୟ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଉପଲବ୍ଧ କରାଯାଇଛି। ଏହାସହ ଶ୍ରୀଜଗନ୍ନାଥ ଭଜନ ଜଣାଣ ଓ ଚଉତିଶା ପୁସ୍ତିକା ମଧ୍ୟ ବିକ୍ରୟ କରାଯାଉଛି। ଉତ୍କଳ ପ୍ରସଙ୍ଗ ପତ୍ରିକାର ମୂଲ୍ୟ ଖଣ୍ଡ ପ୍ରତି ୫ ଟଙ୍କା ଏବଂ ଜଗନ୍ନାଥ ଜଣାଣ ପୁସ୍ତିକା ଖଣ୍ଡ ପ୍ରତି ମୂଲ୍ୟ ୧୦ ଟଙ୍କା ରଖାଯାଇଛି। ଇଚ୍ଛୁକ ପାଠକମାନେ ଏହି କାର୍ଯ୍ୟାଳୟରୁ ସରକାରୀ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ସଂଗ୍ରହ କରିପାରିବେ ବୋଲି ସୂଚନା ପ୍ରଦାନ କରାଯାଇଛି। ହରିବୋଲ କ୍ଷେତ୍ର କେଶପୁର ରଥଯାତ୍ରା ପାଳନ ଅବସରରେ ତିହିଡ଼ି ବ୍ଲକ ଗୁଆମାଳର ମୋଡ଼ସାହିରେ ହେବାକୁ ଥିବା ବାହୁଡ଼ା ଯାତ୍ରାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଅସ୍ଥାୟୀ ସୂଚନାକେନ୍ଦ୍ରରେ ଏହି ପୁସ୍ତିକା ବିକ୍ରୟ କରାଯିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି।

### ଭିତ୍ତିପ୍ରସ୍ତର ସ୍ଥାପନ କଲେ ଏମ୍‌ପି, ବିଧାୟକ

ସିମୁଳିଆ,୧୧।୭(ସନ୍ତୋଷ ନାୟକ)

୩କୋଟି ୨୫ଲକ୍ଷ ୬୬ହଜାର ୩ଶହ ୩ଟଙ୍କା ବ୍ୟୟ ଅଟକଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମାର୍କୋଣା ଗଣ୍ଡିବେଡ ଆରଡି ସଡ଼କରୁ ବାଉରିପଦା ରାସ୍ତା ପ୍ରଶସ୍ତିକରଣ ପାଇଁ ଗୁରୁବାର ମଧ୍ୟାହ୍ନରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଏମ୍‌ପି ଅଭିମନ୍ୟୁ ସେଠୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଧରଣୀଧର ନାୟକ, ସମିତିସଭ୍ୟ ଗଜେନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଜିଲା ପରିଷଦ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଥିଲେ। ଜନସାଧାରଣ ଓ ଛାତ୍ରୀଛାତ୍ରମାନଙ୍କ ଗମନାଗମନରେ ସୁବିଧା ପାଇଁ ବାଉରିପଦା ବିଦ୍ୟାଳୟ ଦେଇ ପଣ୍ଡୁ ଶାସନକୁ ଏହି ରାସ୍ତା ସଂଯୋଗ କରିବ।

# ବନ୍ୟା ପୂର୍ବରୁ ସରିବ ଏସ୍କେପ୍ କାର୍ଯ୍ୟ

ଧାମନଗର(ଦେବେନ୍ଦ୍ର ଆଦ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)/ଭଦ୍ରକ (ସନାତନ ରାଉତ), ୧୧।୭


ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଲ୍ଲୀମାହାରା କାର୍ଯ୍ୟସ୍ଥଳରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଗୁରୁବାର ଧାମନଗର ବ୍ଲକ ଗସ୍ତରେ ଆସି ବୈତରଣୀ ନଦୀର ମଲ୍ଲୀମାହାରା ଓ ଗୌରାଙ୍ଗପୁର ଏସ୍କେପ୍‌ର ନିର୍ମାଣାଧୀନ କାର୍ଯ୍ୟ ତଦାରଖ କରିଛନ୍ତି। ଆଗକୁ ବର୍ଷା ଓ ବନ୍ୟା ସମ୍ଭାବନାକୁ ଦୃଷ୍ଟିରେ ରଖି ତୁରନ୍ତ ୨ ଏସ୍କେପ୍ କାର୍ଯ୍ୟ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବୈତରଣୀ ନଦୀର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଉଡେଇପୁରଠାରେ ଥିବା ମଲ୍ଲୀମାହାରା ଓ ସୋହଡ଼ା ପଞ୍ଚାୟତ ଗୌରାଙ୍ଗପୁର ଏସ୍କେପ୍ ଗତ ବନ୍ୟାରେ ନଷ୍ଟ ହୋଇଯାଇଥିଲା। ଦୁଇ ଏସ୍କେପ୍‌ରୁ ବନ୍ୟାପାଣି ବାହାରି ଧାମନଗର ଅଞ୍ଚଳ ବନ୍ୟାପ୍ଲାବିତ ହୋଇଥାଏ। ୨ ଏସ୍କେପ୍ ଉପର ଦେଇ ସବୁଦିନିଆ ଯାତାୟାତ ସୁବିଧା କରିବା ଲାଗି ଫୁଟ୍ଓଭରବ୍ରିଜ ନିର୍ମାଣ କରାଯାଉଛି। ଉପର ଓ ତଳମୁଣ୍ଡରେ ଥିବା ସୁରକ୍ଷା ପ୍ରାଚୀରକୁ ମଧ୍ୟ ଭାଙ୍ଗି ଦିଆଯାଇଛି। ଏବେ ଦୁଇଟି ଯାକ ଏସ୍କେପ୍ ସମ୍ପୂର୍ଣ୍ଣ ମୁକୁଳା ହୋଇ ରହିଛି। ମଲ୍ଲୀମାହାରା ଏସ୍କେପ୍‌ରେ ପୋଲ ପାଇଁ ବେସ୍‌ମେଣ୍ଟ ତିଆରି ସରିଛି। ହେଲେ ସେଠାରେ କାମ ମନ୍ଥର ଗତିରେ ଚାଲିଥିବାରୁ ଉଭୟ ପାଖରେ ଖୋଲା ଯାଇଥିବା ଯୋଗୁ ବନ୍ୟା ହେଲେ ଅଧିକ ବନ୍ୟାପାଣି ପ୍ରବେଶ କରିବାର ସମ୍ଭାବନା ଥିବାରୁ ବିଭାଗ ପକ୍ଷରୁ ଆଡ଼ିବନ୍ଧ ନିର୍ମାଣ କରାଯାଉଛି।

ବୈତରଣୀ ନଦୀ ବନ୍ୟାରେ ମଲ୍ଲୀମାହାରା ଏସ୍କେପ ଦେଇ ପ୍ରତି ସେକେଣ୍ଡକୁ ୫ ହଜାର ଘନଫୁଟ ପାଣି ପ୍ରବାହିତ ହୋଇଥାଏ। ଆଉ

### ତଦାରଖ କଲେ ଜିଲାପାଳ

ଗୌରାଙ୍ଗପୁର ଏସ୍କେପ୍‌ରେ ପ୍ରତି ସେକେଣ୍ଡରେ ୪ ହଜାର ୩୦୦ ଘନଫୁଟ ବନ୍ୟାପାଣି ନିଷ୍କାସନ ହୁଏ। ଏଣୁ ଏସ୍କେପ ଖୋଲା ଥିବାରୁ ବୈତରଣୀର ସବୁ ପାଣି ଜନବସତି ଭିତରେ ପଶିବା ସହ ବହୁମାତ୍ରାରେ କ୍ଷୟକ୍ଷତି କରିବ ବୋଲି ନଦୀକୂଳିଆ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଜିଲାପାଳ ଦୁଇ ଏସ୍କେପ୍ ସ୍ଥିତି ସମୀକ୍ଷା କରିବା ସହ ବିଭିନ୍ନ ନଦୀବନ୍ଧ ବୁଲି ଦେଖିଛନ୍ତି। ଦୁର୍ବଳ ନଦୀବନ୍ଧ ସ୍ଥାନ ଚିହ୍ନଟ କରି ସେଠାରେ ତୁରନ୍ତ ମରାମତି ଏବଂ ଆବଶ୍ୟକ ସ୍ଥାନରେ ବାଲିବସ୍ତା ମହଜୁଦ ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ଗସ୍ତ ବେଳେ ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼ାଇ, ଧାମନଗର ସହକାରୀ ଯନ୍ତ୍ରୀ ବିଜୟ ସେଠୀ ଏବଂ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଆହାର କେନ୍ଦ୍ରରେ ଖାଦ୍ୟର ମାନ ପରଖିଲେ ବିଧାୟକ


ଆହାର କେନ୍ଦ୍ରରେ ବିଧାୟକ ଅଶୋକ ଦାସ ଖାଦ୍ୟର ମାନ ପରଖୁଛନ୍ତି।

ବାସୁଦେବପୁର,୧୧।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଗୁରୁବାର ମଧ୍ୟାହ୍ନରେ ପ୍ରାଣୀ ଚିକିତ୍ସାକେନ୍ଦ୍ର ପରିସରରେ ପୌରପାଳିକା ତତ୍ତ୍ୱାବଧାନରେ ଚାଲିଥିବା ଆହାର କେନ୍ଦ୍ର ଅଚାନକ ପରିଦର୍ଶନ କରିଛନ୍ତି। ହଠାତ୍ ଆହାର କେନ୍ଦ୍ର ପରିସରରେ ପହଞ୍ଚି ବିଧାୟକ ଖାଦ୍ୟର ମାନ ପରଖିବା ସହ ନିଜେ ଲୋକଙ୍କ ସହ ବସି ଖାଇଛନ୍ତି। ସେଠାରେ ଖାଦ୍ୟର ମାନ କିପରି ଅଛି, ସ୍ଥାନୀୟ ଲୋକ ଓ ଖାଦ୍ୟ ଖାଉଥିବା ବ୍ୟକ୍ତିଙ୍କଠାରୁ ପଚାରି ବୁଝିଥିଲେ। ନିଜେ ମଧ୍ୟ ଏହି ଖାଦ୍ୟ ଖାଇ ସନ୍ତୋଷ ବ୍ୟକ୍ତ କରିଥିଲେ। ବିଧାୟକ ଦାସ ଓ ତାଙ୍କ ସହ ଥିବା ୪ଜଣ ମୋଟ ୫ଜଣଙ୍କ ପାଇଁ ୫ ଟଙ୍କିଆ ମିଲ୍ କୁପନ କାଟି ଖାଇଥିଲେ। ଏହି ଖାଦ୍ୟର ମାନ ପ୍ରତିଦିନ ଠିକ୍‌ଠାକ୍ ରଖିବା ସହ ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ବିଧାୟକ ଆହାର କେନ୍ଦ୍ର କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

# 'ଉଚ୍ଚଶିକ୍ଷା, ନିଯୁକ୍ତି ଉପରେ ଫୋକସ୍ ରଖ'


ସମୀକ୍ଷା ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ କଲେଜ ଅଧ୍ୟକ୍ଷ, ଅଧ୍ୟାପକ ଓ ଅନ୍ୟମାନେ।

ଭଦ୍ରକ,୧୧।୭(ସନାତନ ରାଉତ/ ରବିନାରାୟଣ ଖିଲାର)

### ଜିଲାପାଳଙ୍କ ସମୀକ୍ଷା
### ସରକାରୀ ପଲିଟେକ୍‌ନିକ୍ କଲେଜର ସାଧାରଣ ପରିଷଦ ବୈଠକ

ଭଦ୍ରକ ବ୍ଲକର ଓଲଙ୍ଗ ପଞ୍ଚାୟତ ତେନ୍ତୁଳିଗାଡ଼ିଆସ୍ଥିତ ସରକାରୀ ପଲିଟେକ୍‌ନିକ୍ କଲେଜର ୬ଷ୍ଠ ସାଧାରଣ ପରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଛନ୍ତି। ୫ମ ସାଧାରଣ ପରିଷଦ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବଉଳା ଛକରୁ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ଆପ୍ରୋଚ୍ ରାସ୍ତା ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ଶେଷ ହୋଇଛି। ୧୦୦ ଶଯ୍ୟା ବିଶିଷ୍ଟ ବାଳିକା ହଷ୍ଟେଲର ନିର୍ମାଣାଧୀନ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନୁଷ୍ଠାନର ଖେଳପଡ଼ିଆ ଖାଲୁଆ ଅଞ୍ଚଳରେ ଥିବାରୁ ଗ୍ରୀଷ୍ମଋତୁ ବ୍ୟତୀତ ବର୍ଷତମାମ ଜଳ ଜମି ରହୁଥିବା ଯୋଗୁ ପିଲାମାନଙ୍କ ପାଇଁ ବ୍ୟବହାର ଅନୁପଯୋଗୀ ହେଉଛି। ଏହାକୁ ବାଲିରେ ପୋତିବା କାର୍ଯ୍ୟ ପାଇଁ ଆଲୋଚନା କରାଯାଇଥିଲା। ବଉଳା ଛକରୁ ଅନୁଷ୍ଠାନ ପର୍ଯ୍ୟନ୍ତ ଆଲୋକ ବ୍ୟବସ୍ଥା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଅନୁଷ୍ଠାନର ଶିକ୍ଷା, ନାମଲେଖା, ମେଧାବୃତ୍ତି ବିଷୟରେ ମଧ୍ୟ ଜିଲାପାଳ ସମୀକ୍ଷା କରିଥିଲେ।

୨୦୧୭ରେ ଭଦ୍ରକରେ ପ୍ରତିଷ୍ଠା ହୋଇଥିବା ଏହି ସରକାରୀ ପଲିଟେକ୍‌ନିକ୍ କଲେଜରେ ଉଚ୍ଚଶିକ୍ଷା ଏବଂ ନିଯୁକ୍ତି ଉପରେ ଫୋକସ୍ ରଖିବାକୁ ଜିଲାପାଳ ବୈଠକରେ ପରାମର୍ଶ ଦେଇଛନ୍ତି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ରାଉତ, ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀଧର ସେଠୀ, ସତ୍ୟଜିତ୍ ଧଳ, ବିଭିନ୍ନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଜିଲା ନିଯୋଜନ ଅଧିକାରୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

### ମତ୍ସ୍ୟ ବ୍ୟବସାୟୀଙ୍କଠୁ ଲୁଟ୍ ଘଟଣା
### ଅଭିଯୁକ୍ତଙ୍କୁ ଚଳନ୍ତା ବସ୍‌ରୁ ଧରିଲା ପୋଲିସ

ବାସୁଦେବପୁର,୧୧।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ମନ୍ଦାରୀ ନିକଟସ୍ଥ ବନ୍ଧମୁଣ୍ଡା ଗାଁ ରାସ୍ତାରେ କିଛିଦିନ ତଳେ ଦୁର୍ବୃତ୍ତମାନେ ଜଣେ ମତ୍ସ୍ୟ ବ୍ୟବସାୟୀଙ୍କୁ ମାଡ଼ ମାରି ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଏକ ଚଳନ୍ତା ବସ୍‌ରୁ ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବନ୍ଧମୁଣ୍ଡା ଗ୍ରାମର ଗଦାଧର ମଲ୍ଲିକ(୨୬)। ଏହି ଘଟଣାରେ ପୂର୍ବରୁ ପୋଲିସ ବନ୍ଧମୁଣ୍ଡା ଗ୍ରାମର ମନୋଜ ମଲ୍ଲିକ(୧୯) ଏବଂ ଅଶୋକ ମହାଲିକଙ୍କୁ ଗିରଫ କରିଥିଲା। ଘଟଣାରେ ସମ୍ପୃକ୍ତ ତୃତୀୟ ଅଭିଯୁକ୍ତ ଗଦାଧର ମଙ୍ଗଳବାର ସନ୍ଧ୍ୟାରେ ଏକ ବସ୍‌ରେ ଯାଉଥିବା ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଜାଣିବାକୁ ପାଇଥିଲା। ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା, ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଓ ଚୁଡ଼ାମଣି ସାମୁଦ୍ରିକ ଥାନା ଆଇଆଇସି ବନାନୀ ବେହେରା ସଦଳବଳ ଚଢ଼ାଉ କରି ବ୍ଲକରୋଡ୍‌ରୁ ଉକ୍ତ ବସ୍‌ରୁ ଗଦାଧରଙ୍କୁ କାବୁ କରିଥିଲେ। ଏଥିରେ ସମ୍ପୃକ୍ତ ଆଉ ୨/୩ଜଣ ବ୍ୟକ୍ତି ଫେରାର ଅଛନ୍ତି। ପ୍ରକାଶଥାଉ କି, ପୌରପାଳିକା ଅଧୀନ ବାଳିନଗର ଗ୍ରାମର ମତ୍ସ୍ୟ ବ୍ୟବସାୟୀ ବାବୁ ମଲ୍ଲିକ ଗତ ଜୁନ୍ ୨୮ରେ ମାଛ ବେପାର କରିବାକୁ ଯାଉଥିବା ବେଳେ ୬/୭ଜଣ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ବାବୁଙ୍କ ଅଭିଯୋଗକ୍ରମେ ଚୁଡ଼ାମଣି ସାମୁଦ୍ରିକ ଥାନାରେ ଏକ ମାମଲା (ନଂ.୫୧/୨୪) ରୁଜୁ କରାଯାଇଥିଲା। ଏଯାଏ ୩ଜଣଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଆଇଟିୟୁର ଦାବିପତ୍ର



ବନ୍ତଛକଠାରେ ସିଆଇଟିୟୁ ପକ୍ଷରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା।

ଭଦ୍ରକ,୧୧।୭(ସନାତନ ରାଉତ)

ସିଆଇଟିୟୁର ଭଦ୍ରକ ଜିଲା କମିଟି ପକ୍ଷରୁ ୧୫ ଦଫା ଦାବିପତ୍ର ଗୁରୁବାର ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବିଭିନ୍ନ ସାମଗ୍ରୀର ଦରଦାମ୍ ବୃଦ୍ଧି, ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଘରୋଇକରଣ ବନ୍ଦ, ସମାନ କାମକୁ ସମାନ ମଜୁରି, ସର୍ବନିମ୍ନ ମଜୁରି ଦିନକୁ ୭୫୦ଟଙ୍କା, ସ୍କିମ ୱାର୍କରମାନଙ୍କୁ ଶ୍ରମିକ ମାନ୍ୟତା, ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଜୀକୃତ କରିବା, ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଭଦ୍ରକରେ ଉଠା ଦୋକାନୀମାନଙ୍କ ପାଇଁ ଭେଣ୍ଡିଂଜୋନ୍ ପ୍ରତିଷ୍ଠା କରାଯାଇ ସେମାନଙ୍କୁ ଥଇଥାନ, ଜିଲାର ସରକାରୀ ଡାକ୍ତରଖାନାକୁ ଅଧିକ ଡାକ୍ତର ଓ ଷ୍ଟାଫନର୍ସ ଯୋଗାଇବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଶ୍ରମିକ ନେତା ଦିବ୍ୟସିଂହ ନାୟକ, ଶାନ୍ତି ନାୟକ, ପଦ୍ମିନୀ ପଣ୍ଡା, ଚନ୍ଦ୍ରଶେଖର ନାୟକ, ବସନ୍ତ ନାୟକ, ବାମଦେବ ମିଶ୍ର, ନବ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ବନ୍ତଛକଠାରୁ ଶ୍ରମିକ ନେତା ବିଷ୍ଣୁ ଦାଶ, ବାସନ୍ତୀ ବେହେରା, ସେକ୍ ସତରୁଦ୍ଦିନ, ପ୍ରତିମା ସାମଲ, ନାରାୟଣ ପାତ୍ର, ବୀରସେନ ଜେନା, ସେକ୍ କଲାଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଦିବ୍ୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୀତା ଦାଶ, ମଳୟ ଭୋଇ, କାଳନ୍ଦୀ ପାତ୍ର ପ୍ରମୁଖ ଯୋଗଦେଇ ଡବଲ ଇଞ୍ଜିନ ସରକାର ସବ୍‌କା ସାଥ୍ ସବ୍‌କା ବିକାଶ ନାରା ଦେଉଥିବା ବେଳେ ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ବୋଲି ସମାଲୋଚନା କରିଥିଲେ। ଭଦ୍ରକରେ ଥଇଥାନ ପରେ ଉଚ୍ଛେଦ, ଚରମ୍ପା, ବନ୍ତଛକ, ଗୋଶାଳା ଛକ, କଚେରୀ ଛକରେ ବେଆଇନ ଦଖଲକୁ ଉଠାଇ ଟ୍ରାଫିକ ବ୍ୟବସ୍ଥା ଲାଗୁ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବାକୁ ସେମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା

ଭଦ୍ରକ,୧୧।୭ (ସନାତନ ରାଉତ/ ରବିନାରାୟଣ ଖିଲାର)


ବକ୍ତୃତା ପ୍ରତିଯୋଗିତା ଅବସରରେ ଉପସ୍ଥିତ ଅତିଥି ଓ ବିଚାରକ।

ଭଦ୍ରକର ଗର୍ବ, ଗୌରବ, ସ୍ୱାଧୀନତା ସଂଗ୍ରାମୀ, ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଆସନ୍ତା ୧୬ ତାରିଖରେ ପାଳନ କରାଯିବ। ଏହି ଉପଲକ୍ଷେ ଜିଲା ପ୍ରଶାସନ ଆନୁକୂଲ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ଜିଲା ସଂସ୍କୃତି ଭବନରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କରୁଣାକର ଉପାଧ୍ୟାୟ ଏବଂ ବାଦଲ କିଶୋର ମହାପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ। 'ବିପ୍ଳବୀ ଚକ୍ରଧର ବେହେରା ଚିରସ୍ମରଣୀୟ' ଶୀର୍ଷକ ପ୍ରତିଯୋଗିତାରେ ଭଦ୍ରକ ପୌରାଞ୍ଚଳ ଓ ବିଭିନ୍ନ ବ୍ଲକରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀ ତୃପ୍ତିତନୟା ପଣ୍ଡା ପ୍ରଥମ, ସେହି ବିଦ୍ୟାଳୟର ଛାତ୍ର ଆସ୍ଥା ନାୟକ ଏବଂ ତିହିଡ଼ି ବ୍ଲକ ଉମାଚରଣ ସହଯୋଗ ବିଦ୍ୟାପୀଠର ଆଦ୍ୟାଶା ସାହୁ ଯୁଗ୍ମ ଦ୍ୱିତୀୟ, ଧୁଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାପୀଠର ଛାତ୍ରୀ ପ୍ରାଚୀ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିପ୍ଳବୀ ଚକ୍ରଧର ବେହେରା ସ୍ମୃତି କମିଟିର ସମ୍ପାଦକ ଉପେନ୍ଦ୍ର କୁମାର ବାରିକ୍ ଉପସ୍ଥିତ ଥିଲେ।

# ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାସୁଦେବପୁର,୧୧।୭ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ବେତଡ଼ା ନିକଟସ୍ଥ ଚନ୍ଦନପୁରଠାରେ ଲକ୍ଷ୍ମୀନାରାୟଣ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ୩ ଦିନ ବ୍ୟାପୀ ଉତ୍ସବ ଚାଲିବ। ବୁଧବାର ଅଙ୍କୁରାରୋପଣ, ଗୁରୁବାର ସକାଳେ କଳସ ଶୋଭାଯାତ୍ରା କରାଯାଇଥିଲା। ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ବେତଡ଼ା ବଜାର ପରିକ୍ରମା କରି ଗୋରୁହାଟ ଚନ୍ଦନପଡ଼ିଆରେ କଳସ ବୁଡ଼ାଯାଇଥିଲା। ପରେ ମନ୍ଦିର ପରିସରରେ ଯଜ୍ଞ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ଲଉଡ଼ି ଖେଳ ଓ ମୃଦଙ୍ଗ ବାଦ୍ୟର ତାଳେ ତାଳେ କଳସ ଶୋଭାଯାତ୍ରା ବେତଡ଼ା ବଜାର ପରିକ୍ରମା କରିଥିଲା। ଯଜ୍ଞର ଶୁଭାରମ୍ଭ ପରେ ଦେବାଳୟ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଛି। ଶତାଧିକ ଶ୍ରଦ୍ଧାଳୁ ଉତ୍ସବରେ ସାମିଲ ହୋଇଥିବାବେଳେ ବେତଡ଼ା, ଚନ୍ଦନପୁର ସମେତ ବରଣ୍ଡୁଆ ପଞ୍ଚାୟତ ଓ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଛି।

# ଜନ୍ମମାଟିରେ ଗଜପତି ଏଡିଏମ୍‌ଙ୍କ ଶେଷକୃତ୍ୟ

ଚାନ୍ଦବାଲି,୧୧।୭(କିଷାନ ପାତ୍ର)

ଏକ ଷ୍ଟେଜରେ ଶ୍ରୀଜଗନ୍ନାଥଙ୍କ ଭଜନ ଗାଉଥିଲା ବେଳେ ମୃତ୍ୟୁବରଣ କରିଥିବା ଗଜପତି ଜିଲାର ଏଡିଏମ୍(ଅତିରିକ୍ତ ଜିଲାପାଳ) ବୀରେନ୍ଦ୍ର ଦାସଙ୍କ ଶେଷକୃତ୍ୟ ଜନ୍ମମାଟି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ନୂଆଗାଁରେ ସମ୍ପନ୍ନ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ତାଙ୍କ ମରଶରୀର ଚାନ୍ଦବାଲିରେ ପହଞ୍ଚିବା ପରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଅତିରିକ୍ତ ତହସିଲଦାର ଠାକୁର ଦାସ ନାୟକଙ୍କ ସମେତ ତହସିଲର ସମସ୍ତ କର୍ମଚାରୀ, ଆଇଆଇସି ପଞ୍ଚାନନ ମହାନ୍ତି ଓ ପ୍ରଶାସନିକ ଅଧିକାରୀ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋଭାଯାତ୍ରାରେ ମରଶରୀରକୁ ନୂଆଗାଁକୁ ନିଆଯାଇ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ଭାଇ, ସ୍ତ୍ରୀଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ମରଶରୀର ସହ ଗଜପତି ଜିଲାର ତହସିଲଦାର, ଏଡିଏମ୍ ଓ ବିଭିନ୍ନ ଅଧିକାରୀ ଆସିଥିଲେ।

ଭୂଇଁବୃତ୍ତି ପଞ୍ଚାୟତ ନୂଆଗାଁର ଜାନକୀକାନ୍ତ ଦାସଙ୍କ ପୁଅ ବୀରେନ୍ଦ୍ର ୧୯୯୮ରେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ଗଜପତି ଜିଲାରେ ନିର୍ବାଚନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବାରୁ ପ୍ରଶାସନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସରକାରୀ କର୍ମଚାରୀମାନଙ୍କୁ ନେଇ ଏକ ନୈଶ ଭୋଜି ସହ ସାଧାରଣ ସଭା ଆୟୋଜନ କରାଯାଇଥିଲା। ସଭା ପରେ କେତେଜଣ ଅଧିକାରୀ ମଞ୍ଚ ଉପରକୁ ଉଠି ଭଜନ ପରିବେଷଣ କରିଥିଲେ। ଏହି କ୍ରମରେ ଅତିରିକ୍ତ ଜିଲାପାଳ ଦାସ ମଞ୍ଚରେ ଶ୍ରୀଜଗନ୍ନାଥଙ୍କ ଭଜନ ଗାଉଥିବା ବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବର୍ଷା ଅଭାବ: ଆଗେଇ ପାରୁନି ଚାଷକାମ

ତିହିଡ଼ି,୧୧।୭(ସଞ୍ଜିତ ବଳ)


ଚାଷଜମିରେ ପାଣି ନ ପାଇ ଧାନତଳି ହଳଦିଆ ପଡ଼ିଯାଇଛି।

- ଆଷାଢ଼ରେ ମୁଣ୍ଡ ଫଟା ଖରା
- ହଳଦିଆ ପଡ଼ିଲାଣି ଧାନତଳି
- ଶୁଖିଲା ପଡ଼ିଛି ଦଶମୌଜା କେନାଲ

ଆଷାଢ଼ ମାସ ସରିବାକୁ ବସିଲାଣି। ହେଲେ ବର୍ଷା ଅଭାବରୁ ଆଗେଇ ପାରୁନି ଚାଷକାମ। ଧାନତଳି ଶୁଖି ଫାଟିଗଲାଣି। ତଳିରେ ଧାନଗଛ ସବୁ ହଳଦିଆ ପଡ଼ିଗଲାଣି। ଅପରପକ୍ଷେ ଚାଷଜମିକୁ ଜଳସେଚିତ କରିବାକୁ ଉଦ୍ଦିଷ୍ଟ ଦଶମୌଜା କେନାଲ ଶୁଖିଲା ପଡ଼ିଛି। ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଏହି ପ୍ରତିକୂଳ ସ୍ଥିତିକୁ ନେଇ ଚାଷୀମାନଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି ହୋଇଛି। ଆସନ୍ତା ସପ୍ତାହକ ମଧ୍ୟରେ ଲଗାଣ ବର୍ଷା ନ ହେଲେ ସ୍ଥିତି ଜଟିଳ ହେବାର ଆଶଙ୍କା ଉପୁଜିଛି।

ଚଳିତ ଖରିଫ ଋତୁରେ ବ୍ଲକରେ ୨୦ହଜାର ହେକ୍ଟର ଜମିରେ ଧାନଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ରଜ ସଂକ୍ରାନ୍ତି ପୂର୍ବରୁ ପାଗ ଅନୁକୂଳ ନ ହେବାରୁ ଚାଷୀମାନେ ବତିରି ତଳି ପକାଇ ପାରି ନ ଥିଲେ। ସଂକ୍ରାନ୍ତି ପରେ ପରେ ବତିରି ତଳି ପକାଇବାକୁ ସକ୍ଷମ ହୋଇଥିଲେ। ଏପରିକି ଏହା ଭିତରେ କେତେଜଣ ଚାଷୀ ଖାଲୁଆ ଜମିରେ ଆତରା ତଳି ମଧ୍ୟ ପକାଇଛନ୍ତି। ଏହି କ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରାୟ ୪ ହଜାର ହେକ୍ଟର ଜମିରେ ଧାନତଳି ପଡ଼ିଛି। ଚଳିତ ବର୍ଷ ମଧ୍ୟ ଚାଷୀମାନେ ଉନ୍ନତ କିସମର ଧାନ ବିହନରେ ତଳି ପକାଇଥିଲେ। ଧାନ ବିହନ ୨୦ କି.ଗ୍ରା.କୁ ୭୫୦ଟଙ୍କାରୁ ଆରମ୍ଭ କରି ୧ ହଜାର ଟଙ୍କା ଯାଏ ଚାଷୀମାନେ କିଣିଥିବା ଜଣାପଡ଼ିଛି। ବର୍ଷା କାଁ ଭାଁ ବିକ୍ଷିପ୍ତ ଭାବେ ହେଉଥିବାରୁ ଜମିରେ ସକାଳ ବର୍ଷାପାଣି ସଞ୍ଚିକୁ ରହୁନାହିଁ।

ଅପରପକ୍ଷେ ଆଷାଢ଼ରେ ମୁଣ୍ଡଫଟା ଖରା ସ୍ଥିତିକୁ ଅଧିକ ଜଟିଳ କରିଛି। ଫଳରେ ତଳିସବୁ ଫାଟିଯାଇ ଧାନଗଛ ହଳଦିଆ ପଡ଼ିଲାଣି। ବର୍ଷା ହେଲେ ବି ଏହି ଟାଣ ତଳିରୁ ଧାନ ନେଇ ରୋଇବାକୁ ଚାଷୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଧାନ ଉତ୍ପାଦନ ମଧ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ଥିବାରୁ ଚାଷୀଙ୍କ ପାଇଁ ଏହା ଚିନ୍ତାର ବିଷୟ ହୋଇଛି। ବ୍ଲକ ଅଧୀନ ୯ ପଞ୍ଚାୟତର ଚାଷଜମିକୁ ଜଳସେଚିତ କରିବାକୁ ଉଦ୍ଦିଷ୍ଟ ଦଶମୌଜା କେନାଲ ଶୁଖିଲା ପଡ଼ିଛି। ଏଭଳି ଦୁଃସ୍ଥିତିରେ କେନାଲରେ ପାଣି ଛଡ଼ା ନ ଯିବା ପରିତାପର ବିଷୟ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ରଘୁନାଥ ପତି କହିଛନ୍ତି, ଚାଷ ଆରମ୍ଭରୁ ପ୍ରତିକୂଳ ପରିସ୍ଥିତି ଚାଷୀମାନଙ୍କୁ ନିରାଶ କରିଛି। ଆଗାମୀ ସପ୍ତାହକ ମଧ୍ୟରେ ଲଗାଣ ବର୍ଷା ନ ହେଲେ ଧାନ ଚାଷ ପ୍ରଭାବିତ ହେବା ଭଳି ସ୍ଥିତି ଉପୁଜିବ। ଧାନ ଉତ୍ପାଦନ ମଧ୍ୟ ବାଧାପ୍ରାପ୍ତ ହୋଇପାରେ।

ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର
୧୨ ଜୁଲାଇ, ୨୦୨୪

**ପୋଖରୀରେ ବୁଡ଼ି ଜଣେ ମୃତ**

ସୋର, (ଜନ୍ମେଜୟ ମିଶ୍ର): ସୋର ବ୍ଲକ ଦହିସଡା ପଞ୍ଚାୟତ ମଧୁସୂଦନପୁର ଗ୍ରାମରେ ପୋଖରୀରେ ବୁଡି ଶତ୍ରୁଘ୍ନ ଭୋଇ (୫୦)ଙ୍କ ମୃତ୍ୟୁ ହୋଇଛି। ବୁଧବାର ସନ୍ଧ୍ୟାରେ ସେ କାମରୁ ଫେରି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଗୁରୁବାର ସକାଳେ ପୋଖରୀରେ ଶତ୍ରୁଘ୍ନ ଭାସୁଥିବା ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମାମଲା ନଂ. ୫୦/୨୪।



## ମୋବାଇଲ ଚୋରି ଘଟଣାରେ ୩ ଅଟକ

ସିମୁଳିଆ, ୧୧।୭(ସନ୍ତୋଷ ନାୟକ)- ସିମୁଳିଆ ପୋଲିସ ମୋବାଇଲ ଚୋରି କରୁଥିବା ୩ ଯୁବକଙ୍କୁ ଥାନାରେ ଅଟକ ରଖିଛି। ସେମାନଙ୍କ ନିକଟରୁ ବିଭିନ୍ନ ମୋବାଇଲ ସମେତ ଟିଭି ଉଦ୍ଧାର କରାଯାଇଛି। ଏମାନଙ୍କ ଘର ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧିନ ବାସୁଦେବପୁର ଅଞ୍ଚଳରେ। ଅଧିକ ତଦନ୍ତ ପାଇଁ ପୋଲିସ ସେମାନଙ୍କର ନାମ ଗୋପନ ରଖିଛି।

## ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ, ଏମ୍ପି

ସିମୁଳିଆ,୧୧।୭(ସନ୍ତୋଷ ନାୟକ)- ୩କୋଟି ୨୫ଲକ୍ଷ ୬୬ହଜାର ୩ଶହ ୩ଟଙ୍କା ବ୍ୟୟ ଅଟକଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମାର୍କୋଣା ଗଣ୍ଡିବେଡ ଆରଡି ସଡ଼କରୁ ବାଉରିପଦା ରାସ୍ତା ପ୍ରଶସ୍ତିକରଣ ପାଇଁ ଗୁରୁବାର ମଧ୍ୟାହ୍ନରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଏମ୍ପି ଅଭିମନ୍ୟୁ ସେଠୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଧରଣୀଧର ନାୟକ, ସମିତିସଭ୍ୟ ଗଣେଶ ସେଠୀ, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକ, ଜିଲା ପରିଷଦ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଥିଲେ । ଜନସାଧାରଣ ଓ ଛାତ୍ରୀଛାତ୍ରମାନଙ୍କ ଗମନାଗମନରେ ସୁବିଧା ପାଇଁ ବାଉରିପଦା ବିଦ୍ୟାଳୟ ଦେଇ ପଣ୍ଡୁ ଶାସନକୁ ଏହି ରାସ୍ତା ସଂଯୋଗ କରିବ।

# ଜିଜ୍ଞାସା ଜ୍ଞାନ ଆହରଣର ଉତ୍ସ

### ଏଫଏମ୍ ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ

### ଲେଖକ ମାଧବ କୌଶିକଙ୍କୁ 'ଫକୀରମୋହନ ଜାତୀୟ ସାହିତ୍ୟ' ପୁରସ୍କାର

ବାଲେଶ୍ୱର, ୧୧।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପ୍ରତିଷ୍ଠା ଦିବସ ତଥା ରୌପ୍ୟଜୟନ୍ତୀ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ତଥା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ବିଶ୍ୱବିଦ୍ୟାଳୟରେ ଭବିଷ୍ୟତରେ ହେବାକୁ ଥିବା ଯୋଜନା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବାଖ୍ୟା କରିଥିଲେ। ସମସ୍ତଙ୍କ ସହଯୋଗ ହେତୁ ବିଶ୍ୱବିଦ୍ୟାଳୟର ଦୀର୍ଘ ୨୫ ସଫଳ ବର୍ଷର ପାଳନ କରିପାରିଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅଧ୍ୟାପିକା ଡ. କ୍ଷିତି ପାଢ଼ୀ ସଞ୍ଚାଳନ କରିଥିବା ବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଅତିଥି ପରିଚୟ ପ୍ରଦାନ ସହ ଅଭିନନ୍ଦନ, କୁଳସଚିବ କୁକୁମୀନା ଦାସ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଫକୀରମୋହନ ସେନାପତିଙ୍କ ଜୀବନୀ ଉପରେ ଆଲୋକପାତ କରି ତାଙ୍କ ଭଳି ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କ ଉତ୍ତରାଧିକାରୀ କହି ଛାତ୍ରୀଛାତ୍ରଙ୍କୁ ସମ୍ବୋଧନ କରିଥିଲେ। ଜିଜ୍ଞାସା ଜ୍ଞାନ ଆହରଣର ଉତ୍ସ ଓ



ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଉଛି।

ମୌଳିକ ସୃଜନଶୀଳତାର ବିକାଶ ଦ୍ୱାରା ଛାତ୍ରୀଛାତ୍ରମାନେ ଏକ ସମ୍ପୂର୍ଣ୍ଣ ନାଗରିକର ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ତଥା ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକ ଉପସ୍ଥିତ ରହି ଫକୀରମୋହନ ସେନାପତିଙ୍କୁ ସମଗ୍ର ଭାଷା ସାହିତ୍ୟର ସେନାପତି ଭାବେ ସମ୍ବୋଧନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖକ, ଅତିରିକ୍ତ ସଚିବ, ରାଷ୍ଟ୍ରପତି ଭବନ, ନୂଆଦିଲ୍ଲୀରୁ ଆମନ୍ତ୍ରିତ ବିଜୟ କୁମାର ନାୟକ ରୂପେ ଯୋଗଦେଇଥିଲେ। ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ନିଜ ନାଟ୍ୟକାର ଜୀବନର କାହାଣୀ ଅତି ସଂକ୍ଷେପରେ ଦର୍ଶକଙ୍କୁ କହି ଅଭିଭୂତ କରିଥିଲେ। ଏହି ଅବସରରେ ସୁପ୍ରସିଦ୍ଧ ଲେଖକ ତଥା ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକଙ୍କୁ ୨୦୨୪ ମସିହା ପାଇଁ 'ଫକୀରମୋହନ ଜାତୀୟ ସାହିତ୍ୟ' ପୁରସ୍କାର, ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଦତ୍ତ 'ବ୍ୟାସଗୌରବ ସମ୍ମାନ-୨୦୨୪' ବିଶିଷ୍ଟ ଲେଖକ ତଥା ପ୍ରଶାସକ ବିଜୟ ନାୟକ ଓ ପ୍ରଖ୍ୟାତ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ଓ ଅର୍ଥରାଶି ପ୍ରଦାନ, ତରୁଣ କଥାକାରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ କବିତା ବାରିକ ପ୍ରଦତ୍ତ 'ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବଗାଳ୍ପିକ ପୁରସ୍କାର' ଗାଳ୍ପିକା ଲୋପାମୁଦ୍ରା ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରମାନଙ୍କୁ ଗଳ୍ପ ଲିଖନ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଚଳିତ 'ମନୋଜାୟନ' ସଂଗଠନ ଦ୍ୱାରା 'ମନୋଜ ନବପ୍ରତିଭା କଥା ପୁରସ୍କାର' ପାଇଁ ବିଶ୍ୱବିଦ୍ୟାଳୟ ଛାତ୍ରୀ ରଞ୍ଜିତା ବେହେରାଙ୍କୁ ପୁରସ୍କୃତ କରାଯାଇଛି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କବିତା ଲିଖନକୁ ପ୍ରୋତ୍ସାହିତ କରିବା ପାଇଁ ସୁମନ୍ତ ମଲ୍ଲିକଙ୍କୁ 'ଜୟନ୍ତ ମହାପାତ୍ର କବିତା ପୁରସ୍କାର' ଦିଆଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପୁରସ୍କାର 'ଦି ଓଡ଼ିଶା ଆସୋସିଏଶନ ଫର୍ ଇଂଲିଶ କ୍ଷିତିଜ' ଦ୍ୱାରା ପ୍ରୋତ୍ସାହିତ ହୋଇଛି। ଏଥିସହିତ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ୪ଟି ପୁସ୍ତକର ଉନ୍ମୋଚନ କରାଯାଇଥିଲା ଓ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରରେ ଖେଳାଯାଇଥିବା ଫୁଟବଲ ଟୁର୍ନାମେଣ୍ଟର ବିଜେତା ଭାବରେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦଳକୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମିନା ଦାସ, ପୂର୍ବତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ ଡେଭେଲପମେଣ୍ଟ ଅଧିକାରୀ ପ୍ରଫେସର ପବିତ୍ରମୋହନ ନାୟକ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## 'ମତଦାତା ଗଣତନ୍ତ୍ରର ମୂଳ ସ୍ତମ୍ଭ'



ଏମ୍ପି ପ୍ରତାପ ଷଡଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

ଭୋଗରାଇ, ୧୧।୭(ପ୍ରଦୀପ ଦାସ)

ଭାରତରେ ଗଣତନ୍ତ୍ରର ସଫଳ ରୂପାୟନ ହୋଇଛି। ଏହା କେବଳ ସମ୍ଭବ ହୋଇଛି ଭାରତୀୟଙ୍କ ଜନଦେଶ ପାଇଁ। ଭାରତୀୟ ଗଣତନ୍ତ୍ରର ମୂଳସ୍ତମ୍ଭ ହେଉଛି ମତଦାତା। ଏହି ମତଦାତାଙ୍କ ସେବା ଜନସେବକଙ୍କ ମୁଖ୍ୟ କାର୍ଯ୍ୟ। କ୍ଷମତା ଉପଭୋଗ ନୁହେଁ। ଦେଶର ଲୋକଙ୍କ ସେବା ନିମନ୍ତେ ମତଦାତା କେନ୍ଦ୍ରରେ ମୋଦିଙ୍କ ଜନହିତକର କାର୍ଯ୍ୟ। ଭାରତକୁ ବିଶ୍ୱଦରବାରରେ ସ୍ୱତନ୍ତ୍ର ପରିଚୟ ଓ ଅର୍ଥନୀତିକୁ ବିକାଶର ଶୀର୍ଷରେ ପହଞ୍ଚାଇବା ନିମନ୍ତେ ଓଡିଶାର ଜନସାଧାରଣ ଦୁର୍ନୀତିଗ୍ରସ୍ତ ସରକାରଙ୍କୁ ହଟାଇ ରାଜ୍ୟ ଓ କେନ୍ଦ୍ରରେ ଭାଜପା ଜନ ଦରଦୀ ସରକାରଙ୍କୁ ଲୋକେ ଶାସନରେ ବସାଇଛନ୍ତି ବୋଲି ଭୋଗରାଇ ଥାନାଛକ କମ୍ୟୁନିଟି ସେଣ୍ଟର ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ମତଦାତା ଅଭିନନ୍ଦନ ସମାବେଶରେ ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି । ଭାଜପା ବିଧାନସଭା ପ୍ରାର୍ଥୀ ଆଶିଷ କୁମାର ପାତ୍ରଙ୍କ ପୌରୋହିତ୍ୟରେ ପରିଚାଳିତ ଅଭିନନ୍ଦନ ସମାବେଶ ଓ ସମ୍ବର୍ଦ୍ଧନା ସଭାରେ ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଂଶୁମାନ ମହାନ୍ତି, ବରିଷ୍ଠ ଭାଜପା ନେତା କ୍ୟାପଟେନ ଅଶୋକ କୁମାର ଦାସ, ସୁନୀଲ କର, ଆଶିଷ କୁମାର ମହାନ୍ତି, ଅମଳେନ୍ଦୁ ଦାସ, ରାଜକୁମାର ଦାସ, ବ୍ରଜକିଶୋର ମହାନ୍ତି, ଗୋପାଳକୃଷ୍ଣ ପଣ୍ଡା, ପରମାନନ୍ଦ ପରିଡା ସହ ୬ ମଣ୍ଡଳ ସଭାପତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତର ସ୍ୱପ୍ନ ସଫଳ ନିମନ୍ତେ ନେତା, କର୍ମୀ ଓ ରାଷ୍ଟ୍ରଭକ୍ତମାନେ ସ୍ୱଚ୍ଛ ଭାବେ ଅଣ୍ଟାଭିଡନ୍ତୁ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ ଦଳରୁ ୧୦ଜଣଙ୍କୁ ଭାଜପାରେ ସାମିଲ କରାଯାଇଥିବା ସଭାପତି ପ୍ରକାଶ କରିଥିଲେ । ବରିଷ୍ଠ ନେତା ସଂଜୀବ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଆରଡବ୍ଲ୍ୟୁଏସ୍ଏସ୍ ଜେଇଙ୍କୁ ଅଟକ ରଖିଲେ ଗ୍ରାମବାସୀ

### ୫ବର୍ଷ ଧରି ସରୁନି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ

ରୂପସା, ୧୧।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରସଲପୁର ପଞ୍ଚାୟତରେ ଗୁରୁବାର ଉତ୍ତେଜନା ଦେଖାଦେଇଛି। ପଞ୍ଚାୟତ ଅଧୀନ ପାରଭିଲା ଓ ମହିଷାଳୀ ଗ୍ରାମ ପାଇଁ ୫ବର୍ଷ ଧରି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ସରକାରଙ୍କ ବସୁଧା ଯୋଜନା ଦିଗହରା ହୋଇଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ପ୍ରକଳ୍ପ କାର୍ଯ୍ୟ ସରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପ କାମ ଦେଖିବାକୁ ଆସିଥିବା ଆରଡବ୍ଲ୍ୟୁଏସଏସ ଜେଇଙ୍କୁ ଗୁରୁବାର ଗାଁ ଲୋକେ ଅଟକ ରଖିଥିଲେ। ୭ଦିନ ଭିତରେ ପ୍ରକଳ୍ପ ଶେଷ ସହ ଜଳଯୋଗାଣ ହେବ ବୋଲି ଜେଇ ପ୍ରତିଶ୍ରୁତି ଦେଇଥିଲେ। ସେ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ଜେଇ କହିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ରସଲପୁର ପଞ୍ଚାୟତ ଅଧୀନ ପାରଭିଲା ଓ ମହିଷାଳୀ ଗ୍ରାମ ପାଇଁ ବସୁଧା ଯୋଜନାରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପାନୀୟଜଳ ପ୍ରକଳ୍ପ କାର୍ଯ୍ୟାଦେଶ ହୋଇଥିଲା। ଟେଣ୍ଡର ମୁତାବକ ୨୦୧୯- ୨୦୨୦ ମସିହାରୁ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ। ୫ ବର୍ଷ ବିତିଯାଇଥିଲେ ହେଁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଦୁଇ ଗ୍ରାମର ୨ଶହ ୫୦ରୁ ଉର୍ଦ୍ଧ୍ୱ ପରିବାର ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ବି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଗତ ୭ ତାରିଖରେ ପାଣି ଟାଙ୍କି କାର୍ଯ୍ୟ ଦେଖିବାକୁ ଆସିଥିବା ସୁପରଭାଇଜରଙ୍କୁ ଗ୍ରାମବାସୀ ଅଟକ ରଖି ଆନ୍ଦୋଳନ କରିଥିଲେ। ପୂର୍ବତନ ସରପଞ୍ଚ ଶୁଭେଶ ନାୟକ ଓ ବସ୍ତା ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ୩ ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ହେଲେ ଏଯାବତ୍ କୌଣସି ସମାଧାନ ନ ହେବାରୁ ଗୁରୁବାର ପୁଣି ଉତ୍ତେଜନା ଦେଖାଦେଇଥିଲା। ପୂର୍ବତନ ସରପଞ୍ଚ ଶୁଭେଶ ନାୟକ ପହଞ୍ଚି ବୁଝାଶୁଝା କରିବା ପରେ ୭ ଦିନ ଭିତରେ ସ୍ଥାୟୀ ସମାଧାନ ହେବ ବୋଲି ବିଭାଗୀୟ ଜେଇ ଗ୍ରାମବାସୀଙ୍କୁ କହିଥିଲେ।



ଅଟକ ଜେଇଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।



ଇମାମୀନଗର ଶ୍ରୀଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି।

## ରଥ ଉତ୍ସବର ଚତୁର୍ଥ ଦିନ

# ଗୁଣ୍ଡିଚା ମନ୍ଦିର ଲୋକାରଣ୍ୟ

### ମେଳା ପଡ଼ିଆରେ ଶ୍ରଦ୍ଧାଳୁଙ୍କ ଭିଡ଼

ବାଲେଶ୍ୱର, ୧୧।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀନଗର ଶ୍ରୀଗୁଣ୍ଡିଚା ମନ୍ଦିରରେ ରଥ ଉତ୍ସବର ଚତୁର୍ଥ ଦିନରେ ଗୁଣ୍ଡିଚା ମନ୍ଦିର ଲୋକାରଣ୍ୟ ହୋଇଛି। ମେଳାପଡ଼ିଆରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାସଲୀଳାରେ ସାଙ୍ଗକୁ ହେରାପୂର୍ଣ୍ଣିମାରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ବିମୋହିତ ହେଉଥିବା ପରିଲକ୍ଷିତ ହୋଇଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ଶ୍ରୀକ୍ଷେତ୍ର ରୀତିନୀତି ମୁତାବକ ମୁଖ୍ୟ ପୂଜକ ପ୍ରଦୀପ୍ତ କୁମାର ମିଶ୍ର ଏବଂ ତାଙ୍କର ସହଯୋଗୀମାନଙ୍କ ଦ୍ୱାରା ଶେଷ ସାଙ୍ଗକୁ ପୂଜାର୍ଚ୍ଚନା ଜାରି ରହିଛି। ପୂର୍ବାହ୍ନ ୧୦ଟା ୩୦ରୁ ୧୨ଟା ତୁଳସୀ ଅଭିଷେକ, ୩ଟା ୩୦ରୁ ୫ଟାରେ ଇମାମୀ କଲୋନୀସ୍ଥିତ ମହିଳାମାନଙ୍କ ଦ୍ୱାରା ପାରିବାରିକ ସ୍ୱତନ୍ତ୍ର ପୂଜା ଓ ପ୍ରସାଦସେବନ, ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ସୁଦୂର ବୃନ୍ଦାବନର ପ୍ରତିଷ୍ଠିତ ସଂସ୍ଥାନର କଳାକାରଙ୍କ ଦ୍ୱାରା ବିଷ୍ଣୁ ଅବତାର ଓ କଲ୍କୀ ଅବତାର ଚିତ୍ତାକର୍ଷକ ପ୍ରଦର୍ଶନରେ ଉପସ୍ଥିତ ଶ୍ରଦ୍ଧାଳୁ ବେଶ୍ ବିମୋହିତ ହୋଇଥିଲେ। ସେହିପରି ସନ୍ଧ୍ୟା ୭ଟା ୩୦ରେ ହେରାପଞ୍ଚମୀ ଉତ୍ସବରେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ରତ୍ନସିଂହାସନରୁ ଯାଇ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ବିଜେ କରିଥିବା ମହାପ୍ରଭୁଙ୍କ ଉପରେ ଅଭିମାନ କରିଥିବା ଜଗତଜନନୀ ମା' ଲକ୍ଷ୍ମୀ ଗୋପନରେ ଯାଇ ନନ୍ଦିଘୋଷ ରଥ ଚକ ଭାଙ୍ଗିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଏହି ମାନବୀୟ ଲୀଳା ଦେଖିବାକୁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା, ସ୍ୱାସ୍ଥ୍ୟସେବା, ପ୍ରସାଦସେବନ ଓ ଚିତ୍ତାକର୍ଷକ ଆଲୋକ ସଜାରେ ମେଳାପଡ଼ିଆ ବେଶ୍ ଆକର୍ଷଣର କେନ୍ଦ୍ର ପାଲଟିଛି। ଉତ୍ସବରେ ଇମାମୀ ଗ୍ରୁପ୍ ଅନ୍ୟତମ ନିର୍ଦ୍ଦେଶକ ତଥା ଜଗନ୍ନାଥ ମନ୍ଦିର ପୃଷ୍ଠପୋଷକ ସୁଶୀଲ ଗୋୟେଙ୍କା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରୁଥିବା ବେଳେ ଇମାମୀ କାଗଜକଳର କର୍ମକର୍ତ୍ତା, ମନ୍ଦିର ପ୍ରଶାସନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିବା ଜଣାପଡିଛି। ଇମାମୀ ନଗର ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଜଗନ୍ନାଥ ମହାପ୍ରଭୁଙ୍କ ଭାବ ଆବେଗରେ ବେଶ୍ ପରିପୂର୍ଣ୍ଣ ହୋଇଚାଲିଛି।

## ଟିପିଏନ୍ଓଡିଏଲ୍ ପକ୍ଷରୁ ଚାରାରୋପଣ

ବାଲେଶ୍ୱର, ୧୧।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଳେଇସ୍ଥିତ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। 'ବନ ମହୋତ୍ସବ ସପ୍ତାହ ୨୦୨୪' ଅବସରରେ ଟିପିଏନଓଡିଏଲର ବିଦ୍ୟୁତ୍ ବିତରଣ କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ସଷ୍ଟେନେବଲ୍ ଇଜ ଆଟେନେବଲ' ତତ୍ତ୍ୱକୁ ନିଶ୍ଚିତ କରିବା ତଥା ସୁସ୍ଥ ପରିବେଶ ପ୍ରତି ପ୍ରତିବଦ୍ଧତା ଏବଂ ଦାୟିତ୍ୱବୋଧକୁ ଟିପିଏନଓଡିଏଲର ଏହି ପଦକ୍ଷେପ ଦର୍ଶାଇଥିବା ବେଳେ ସବୁଜ ଭବିଷ୍ୟତ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଏବଂ ଉତ୍ସର୍ଗୀକୃତ ମନୋଭାବ କରିବା ମଧ୍ୟ ଉଦ୍ଦେଶ୍ୟ ରହିଥିଲା। ଏହି ଅବସରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶତାଧିକ ଚାରାରୋପଣ କରାଯାଇଥିଲା।



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ଅଧିକାରୀଗଣ।

## 'ବଞ୍ଚିବା ପାଇଁ ଗଛ ଲଗାଇବା'

ମୋରଡ଼ା, ୧୧।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପାଟପୁରସ୍ଥିତ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋରଡ଼ା ବ୍ଲକ ସାମ୍ବାଦିକ ସଂଘ, ସ୍ୱାର୍ଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଶହେରୁ ଉର୍ଦ୍ଧ୍ୱ ଗଛ ଲଗାଯାଇଥିଲା। 'ବଞ୍ଚିବା ପାଇଁ ଗଛ ଲଗାଇବା' ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ଥିବା ବେଳେ ଗଛ ଆମକୁ କିପରି ପ୍ରାକୃତିକ ତଥା ମନୁଷ୍ୟକୃତ ବିପର୍ଯ୍ୟୟରୁ ରକ୍ଷା କରେ ଏବାବଦରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଯାଇଥିଲା। ସାମ୍ବାଦିକ ସଂଘର ସଭାପତି ରଣଜିତ କୁମାର ସାହୁ, ସ୍ୱାର୍ଡ଼ାର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାନ୍ତ ପ୍ରଥମେ ଗୋଟିଏ ଲେଖାଏ ଗଛ ଲଗାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରେ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ, ଛାତ୍ରୀ, ସାମ୍ବାଦିକମାନେ ଗଛ ଲଗାଇଥିଲେ। ସାମ୍ବାଦିକ ରବୀନ୍ଦ୍ର ମହାନ୍ତ, ବିଶ୍ୱବନ୍ଦନ ବେହେରା, ମୃତ୍ୟୁଞ୍ଜୟ ସେନାପତି,ମନୋଜ କୁମାର ବେହେରା, ଦୀପକ କୁମାର ବେହେରା, ଫରେଷ୍ଟ ଗାର୍ଡ ରୁବିତା ଭୂୟାଁ, ସହକାରୀ ଶିକ୍ଷକ ଅମିତା ମହାପାତ୍ର, ବିନୟ କୁମାର ବେହେରା, ପଲ୍ଲୀ ମିଶ୍ର, ମୃତ୍ୟୁଞ୍ଜୟ ବେହେରା, ମିନାବତୀ ବାରିକ, ଦିଲୀପ କୁମାର ସି, ମମତା ଗିରି, କିରାଣୀ ଅନିମା ରାଉତ ଏବଂ ଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।

## ଅଖିଳ ଭାରତ କୃଷକ ସଭା ତରଫରୁ ଗଣଧାରଣା

ନୀଳଗିରି, ୧୧।୭(ପ୍ରଶାନ୍ତ ବିଶ୍ୱାଳ)

ଅଖିଳ ଭାରତ କୃଷକ ସଭା ନୀଳଗିରି ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ନୀଳଗିରି ଉପଜିଲାପାଳଙ୍କ ଅଫିସ ଆଗରେ ଗଣଧାରଣା ଦେଇଛନ୍ତି। ଏନେଇ ଏକ ଦାବିପତ୍ର ନୀଳଗିରି ଉପଜିଲାପାଳଙ୍କ ଜରିଆରେ ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଗଣଧାରଣାରେ ପ୍ରଭାକର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସିପିଆଇ ଦଳର ଜିଲା ସମ୍ପାଦକ ନିରଞ୍ଜନ ବାରିକ, କୃଷକ ସଭା ସମ୍ପାଦକ ବିଜୟ ସ, ସିପିଆଇ ଦଳର ବିଧାସଭା ପ୍ରାର୍ଥୀ ଅଜୟ କୁମାର ପଟ୍ଟନାୟକ, ରାମଚନ୍ଦ୍ର ଦାସ, ହରେକୃଷ୍ଣ ଜେନା, ହରେକୃଷ୍ଣ ପଣ୍ଡିତ, ରବୀନ୍ଦ୍ର ନାୟକ, ଅତୁଲ ରାଉତ, ନିରଞ୍ଜନ ବେହେରା, ବିକ୍ରମ ମିଶ୍ର, ନିରଞ୍ଜନ ଜେନା ପ୍ରମୁଖ ସାମିଲ ଥିଲେ।

# କମ୍ ଅର୍ଥ ଅଗ୍ରାହ୍ୟ କଲେ ୩୪ ସେକ୍ଟର ଅଧିକାରୀ

### ଚିଠି ଅନୁଯାୟୀ ମିଳୁନି ନିର୍ବାଚନୀ ପାରିଶ୍ରମିକ

ଖଇରା, ୧୧।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଓ ସିମୁଳିଆ ବ୍ଲକରେ ଚଳିତ ସାଧାରଣ ନିର୍ବାଚନ ପରିଚାଳନାରେ ଥିବା ୩୪ଜଣ ସେକ୍ଟର ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ତାଲିମ, କେନ୍ଦ୍ର ତଦାରଖ ତଥା ଭୋଟ କେନ୍ଦ୍ର ପରିଦର୍ଶନରେ ସେମାନେ ଏଥିପାଇଁ ୧୬ଦିନ ସମୟ ଦେଇଥିଲେ। ଏଥିପାଇଁ ତାଙ୍କୁ ପ୍ରଥମେ ୭ହଜାର ୫ଶହ ଏବଂ ପରେ ୫ହଜାର ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଥିଲା । ଖଇରା ତହସିଲରୁ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ନେଇଯିବାକୁ ଡକାଯିବା ପରେ ସେମାନେ ଖଇରା ତହସିଲକୁ ଯାଇଥିଲେ। ପ୍ରତ୍ୟେକ ଅଧିକାରୀଙ୍କୁ ୧ହଜାର ୫ଶହ କରି ଯଚାଯିବା ପରେ ସେମାନେ ସମୂହ ଅଗ୍ରାହ୍ୟ କରିବା ସହ ଗୁରୁବାର ଏ ସମ୍ପର୍କରେ ଜିଲା ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।



ପାରିଶ୍ରମିକ ଅଗ୍ରାହ୍ୟ କରିଥିବା ଖଇରା ବ୍ଲକର ସେକ୍ଟର ଅଫିସର।

ଯଦି ଉପରିସ୍ଥ ଅଧିକାରୀ ୧ ହଜାର ୫ଶହ କରି ହେଉ କି ତା' ଠାରୁ କମ୍ ହେଉ ସେ ସମ୍ପର୍କରେ ଲିଖିତ ଚିଠି ଦେଖାନ୍ତି ତେବେ ଚିଠିରେ ଯାହା ଉଲ୍ଲେଖ ଥିବ ସେତିକି ଅର୍ଥ ନେବାକୁ ସେମାନେ ପ୍ରସ୍ତୁତ ବୋଲି ଖଇରା ବ୍ଲକରେ କାର୍ଯ୍ୟରତ ୧୮ଜଣ ସେକ୍ଟର ଅଧିକାରୀ କହିଛନ୍ତି। ଗତ ୨୦୨୪ ସାଧାରଣ ନିର୍ବାଚନ କାର୍ଯ୍ୟର ସୁପରିଚାଳନା ପାଇଁ ଖଇରାରେ ୧୮ ଓ ସିମୁଳିଆରେ ୧୬ ସେକ୍ଟରରେ ଅଧିକାରୀମାନେ ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ। ପ୍ରଥମେ ୨୦୨୩ ମସିହା ଜୁନ ୧୬ତାରିଖରେ ପ୍ରତ୍ୟେକ ଅଧିକାରୀଙ୍କୁ ୭ହଜାର ୫ଶହ କରି ପାରିଶ୍ରମିକ ଦେବାକୁ ଚିଠି ନମ୍ବର ୫୩୦୭ରେ ଉଲ୍ଲେଖ କରାଯାଇଥିବା ବେଳେ ୨୦୨୪ ମାର୍ଚ୍ଚ ୧୩ ତାରିଖ ଚିଠି ସଂଖ୍ୟା ୨୬୯ରେ ପାରିଶ୍ରମିକ ୫ ହଜାର କରି ଦେବାକୁ ଉଲ୍ଲେଖ କରାଯାଇଥିଲା। ଜୁନ ୧ତାରିଖରୁ ନିର୍ବାଚନ ଶେଷ ହୋଇସାରିଥିବା ବେଳେ ଉଭୟ ଖଇରା ଓ ସିମୁଳିଆ ସେକ୍ଟର ଅଧିକାରୀଙ୍କୁ ଜୁନ ଶେଷ ସପ୍ତାହରେ ପାରିଶ୍ରମିକ ନେବା ପାଇଁ ଡକାଯାଇଥିଲା। ଯାହାକୁ ନେଇ ସମସ୍ତ ସେକ୍ଟର ଅଧିକାରୀ ଏହାକୁ ଅଗ୍ରାହ୍ୟ କରିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଜିଲା ନିର୍ବାଚନ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରାଙ୍କୁ ଯୋଗାଯୋଗ କରାଯିବାରେ ପାରିଶ୍ରମିକ ପ୍ରଦାନ ସମ୍ପର୍କରେ ଖଇରା ତହସିଲଦାରଙ୍କ ସହ କଥା ହେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### କାର୍‌-ବୁଲେଟ୍‌ ମୁହାଁମୁହିଁ, ୩ ଗୁରୁତର

ଆନନ୍ଦପୁର/ରାମଚନ୍ଦ୍ରପୁର,୧୧/୭ (ଶୁଶାନ୍ତ କୁମାର ସାହୁ/ଗଣେଶ୍ୱର ସା): କେନ୍ଦୁଝର ଜିଲା ଘଷିପୁରା ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥ ବାରିଗାଁ ସ୍କୁଲ ସମ୍ମୁଖରେ ଗୁରୁବାର କାର୍‌ ଓ ବୁଲେଟ୍‌ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାରେ ୩ ଜଣ ଗୁରୁତର ହୋଇ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁତରମାନେ ଯାଜପୁର ଜିଲା ସାରଙ୍ଗପୁର ଅଞ୍ଚଳର କାର୍ତ୍ତିକ ନାୟକ, ପ୍ରତାପ ନାୟକ ଓ ରୋହିତ ନାୟକ ବୋଲି ଜଣାପଡିଛି। କେନ୍ଦୁଝରରୁ ଜଗତସିଂହପୁର ଅଭିମୁଖେ କାର (ଓଡ଼ି ୦୨ ବିଏଲ ୩୬୨୧ ) ଯାଉଥିଲା। ବିପରୀତ ପାର୍ଶ୍ୱରୁ ଆସୁଥିବା ଏକ ବୁଲେଟ୍‌ ସହିତ କାର ମୁହାଁମୁହିଁ ଧକ୍କା ହୋଇଥିଲା। ୩ ବୁଲେଟ୍‌ ଆରୋହୀ ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଯୁବକ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ କଟକ ସ୍ଥାନାନ୍ତର କରାଯାଇଛି। ଘସିପୁରା ଥାନା ଅଧିକାରୀ ସୁନୀଲ କର ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ କରୁଛନ୍ତି।

### ପ୍ରେମରେ ପ୍ରତାରଣା, ହାତ କାଟିଲେ ଯୁବତୀ

ଆନନ୍ଦପୁର,୧୧।୭(ଶୁଶାନ୍ତ କୁମାର ସାହୁ): ଲିଭଇନ୍‌ରେ ୨ ବର୍ଷ ରହିବା ପରେ ବିବାହ କରିବାକୁ ପ୍ରେମିକ ମନା କରିବାରୁ ହାତକାଟି ଗୁରୁତର ହେଲେ ଯୁବତୀ। ଯୁବତୀ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ଇନ୍ଦୁପୁରା ଗ୍ରାମର ବୋଲି ଜଣାପଡ଼ିଛି। ବୁଧବାର ସେ ରକ୍ତ ଜୁଡୁବୁଡୁ ହୋଇ ପୋଡ଼ାଖମଣ ଗାଁ ରାସ୍ତାପାର୍ଶ୍ୱରେ ପଡିଥିବା ବେଳେ ସ୍ଥାନୀୟ ଯୁବକ ଉଦ୍ଧାର କରି ଆନନ୍ଦପୁର ମେଡ଼ିକାଲରେ ଭର୍ତ୍ତି କରିଥିଲା ଜଣାପଡ଼ିଛି। ଯୁବତୀ ସେହି ଗାଁର ଜଣେ ଯୁବକଙ୍କ ସହିତ ୨ ବର୍ଷ ଧରି ଲିଭ ଇନ୍‌ରେ ରହୁଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଯୁବକ ତାଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିଲେ। ଯୁବକ ୨ ଦିନ ତଳେ ବିବାହ କରିବାକୁ ମନା କରିଥିଲେ। ଘଟଣାକୁ ନେଇ ଯୁବତୀ ହାତ କାଟିଦେଇଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ କହିଛନ୍ତି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ରାମଚନ୍ଦ୍ରପୁର,୧୧।୭(ଗଣେଶ୍ୱର ସା): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ବିଦ୍ୟୁତ୍‌ ସର୍କଲର ସାଇଁକୁଲ ପାୱାର ହାଉସ୍‌ରେ ଜଣେ ହେଲପରଙ୍କୁ ଲାଇନ ମ୍ୟାନ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ଯୁବକ ମଛାଲୋ ଗ୍ରାମର ଜୟନ୍ତ ଜେନା। ସୂଚନା ଅନୁଯାୟୀ, ଜୟନ୍ତ ବିଦ୍ୟୁତ୍‌ ବିଭାଗରେ ହେଲପର ଭାବେ କାର୍ଯ୍ୟ କରୁଥିବା ବେଳେ ସେହି ବିଭାଗରେ ଧାଉଡିହା ଗ୍ରାମର ଜନୈକ ବ୍ୟକ୍ତି ଲାଇନ ମ୍ୟାନ ଭାବେ କାମ କରନ୍ତି। ଗୁରୁବାର ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଲାଇନ ମ୍ୟାନ ଶଣ୍ଢୁଆସିରେ ଜୟନ୍ତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଜୟନ୍ତଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ଖବରଦାତାଙ୍କ ପରଲୋକ

ପାଟଣା,୧୧।୭(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍‌ର ବରିଷ୍ଠ ଖବରଦାତା ଅଜୟ ପ୍ରଧାନ(୬୫)ଙ୍କ ଗୁରୁବାର କରଞ୍ଜିଆ କରଡ଼ିଆସ୍ଥିତ ପୈତୃକ ବାସଭବନରେ ପରଲୋକ ଘଟିଛି। ସେ ଲିଭର ଶୋରସିଶ ରୋଗରେ ଆକ୍ରାନ୍ତ ଥିଲେ। ସେ ଦୈନିକ ଖବରକାଗଜ ଧରିତ୍ରୀ, ସମାଜ, ସମ୍ବାଦ ଓ ଅମୃତ ଦୁନିଆ ଭଳି ଖବରକାଗଜରେ ଖବରଦାତା ଭାବେ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ମୃତ୍ୟୁରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ପୂର୍ବତନ ସାହାରପଡ଼ା ବ୍ଲକ୍‌ ଅଧ୍ୟକ୍ଷ ଗୌତମ ନାଏକ, ପୂର୍ବତନ ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, କଂଗ୍ରେସ ନେତା ଇଂ. ବିନୋଦ ବିହାରୀ ନାଏକ, ଖବରଦାତା ନୃସିଂହ ନାଥ ସିଂ, ମହେଶ୍ୱର ପୃଷ୍ଟି, ସନ୍ତୋଷ ପତି, ତୁଷାର ମହାନ୍ତ, ଶିବାଜୀ ଗୌତମ ମହାନ୍ତ ବର୍ମା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ ଓ ଝିଅ ଉପସ୍ଥିତ ଥିଲେ। କରଞ୍ଜିଆରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଭୂଜଙ୍ଗ ଭୂଷଣ ମୁଖାଗ୍ନି ଦେଇଥିଲେ।

# ଧାନତଳିକୁ ଝରାପାଣି ଭରସା

## ନିଅଣ୍ଟିଆ ବର୍ଷା

ଚମ୍ପୁଆ,୧୧।୭( ମହେଶ୍ୱର ଦାସ)



ଧାନ ତଳିରେ ଗରା ଓ ଝରାରେ ଚାଷୀ ପାଣି ଦେଉଛନ୍ତି।

କେନ୍ଦୁଝର ଜିଲାରେ ନିଅଣ୍ଟିଆ ବର୍ଷା ଚାଷୀକୁଳକୁ ହତାଶ କରିଦେଇଛି। ବର୍ଷାର ଲୁଚକାଳି ଖେଳ ପାଇଁ ଚଳିତବର୍ଷ ଚମ୍ପୁଆ ବ୍ଲକ୍‌ରେ ମରୁଡ଼ିର ସମ୍ଭାବନା ଦେଖାଯାଇଛି। ଏହାରି ମଧ୍ୟରେ ବର୍ଷକର ଆହାର ପାଇଁ ଚାଷୀ ଅଭିନବ ପ୍ରୟାସ ଜାରି ରଖିଥିବା ଦେଖିବାକୁ ମିଳିଛି। ବର୍ଷା ଅଭାବରୁ ବୁଣାଧାନ ଅପେକ୍ଷା ରୁଆ ଧାନଚାଷ ଲକ୍ଷ୍ୟ ରଖିଥିବା ଚାଷୀ ଧାନତଳି ବଞ୍ଚାଇବା ପାଇଁ ଗରା ଓ ଝରାର ସାହାଯ୍ୟରେ ପାଣି ପକାଉଥିବା ଦେଖାଯାଇଛି।

ସୂଚନା ଅନୁସାରେ, ଚଳିତ ବର୍ଷ ମୌସୁମୀଜନିତ ବର୍ଷା ନିରୁତ୍ସାହଜନକ ହୋଇଥିବା ବେଳେ ଜଳ ଉତ୍ସଗୁଡ଼ିକରେ ଜଳସ୍ତର ହ୍ରାସ ପାଇଛି। ଚାଷ ପାଇଁ ପାଗ ଅନୁକୂଳ ହୋଇ ନ ଥିବାରୁ ବୁଣାଧାନ ଉପରେ ନିର୍ଭର କରୁଥିବା ଚାଷୀ ଧାନ ବୁଣି ପାରି ନ ଥିଲେ। ବର୍ଷକର ଆହାର ପାଇଁ ଚାଷୀ ବୁଣାଧାନ ଅପେକ୍ଷା ରୁଆଚାଷକୁ ଆଶା କରି ବିଲରେ ଧାନତଳି ପକାଇଥିଲେ। ବର୍ଷା ମୁହଁ ଫେରାଇବାରୁ ହତାଶ ହୋଇପଡ଼ିଥିବା ଚାଷୀ ବିଭିନ୍ନ ଜଳଉତ୍ସରୁ ପାଣି ଉଠାଇ ଝରା ଓ ଗରା ସହାୟତାରେ ଜଳସିଞ୍ଚନ କରି ଧାନତଳି ବଞ୍ଚାଇବାର ପ୍ରୟାସ ଚଳାଇଛନ୍ତି। କେତେଜଣ ଭାରରେ ପାଣି ଆଣି ତଳିରେ ପାଣି ଦେଉଛନ୍ତି। ପ୍ରକାଶ ଯେ, ଗତ ବର୍ଷ ଜୁନ୍‌ରେ ୧୫୧.୬ ମିମି ବର୍ଷା ହୋଇଥିବା ବେଳେ ଜୁଲାଇରେ ୬୯.୮ ମିମି ବର୍ଷା ହୋଇଥିଲା। ମାତ୍ର ଚଳିତ ବର୍ଷ ଜୁନ୍‌ରେ ୭୯.୮ ମି.ମି ବର୍ଷା ହୋଇଥିବା ବେଳେ ଜୁଲାଇରେ ବର୍ତ୍ତମାନ ସୁଦ୍ଧା ୩୮.୮ ମି.ମି ବର୍ଷା ହୋଇଛି। ଫଳରେ ଧାନତଳିକୁ କିପରି ବଞ୍ଚାଯାଇପାରିବ ସେ ନେଇ ଚାଷୀ ସନ୍ଦେହରେ ପଡ଼ିଛନ୍ତି। ଚାଷୀ ନରୋତ୍ତମ ମହାନ୍ତ କୁହନ୍ତି, ଉନ୍ନତ ମାନର ଧାନ ବିହନ ୩ କି.ଗ୍ରାକୁ ୧୧ ଶହ ଟଙ୍କାରେ କିଣିବା ସହିତ ଆବଶ୍ୟକ ପଦକ୍ଷେପ ନେଇ ତଳି ପକାଇଥିଲୁ। ମାତ୍ର ବର୍ଷା ଅଭାବରୁ ତଳିଗୁଡ଼ିକ ହଳଦିଆ ହେବାକୁ ଲାଗିଲାଣି। ବାଧ ହୋଇ ଝରା ଓ ଗରାରେ ନିକଟ ପୋଖରୀରୁ ପାଣି ଆଣି ଢାଳିବାକୁ ପଡୁଛି। ବର୍ଷା ନ ହେଲେ ଚଳିତ ବର୍ଷ ଧାନଚାଷରେ ପ୍ରଭୂତ କ୍ଷତି ସହିବୁ ବୋଲି କହିଥିଲେ। ବ୍ଲକ୍‌ କୃଷି ଅଧିକାରୀ ନୀଳ ମାଧବ ଦାଶ କହିଛନ୍ତି, ପାଣି ପାଗ ସୂଚନା ଅନୁଯାୟୀ ଜୁଲାଇ ୧୨, ୧୩ ତାରିଖ ସୁଦ୍ଧା ବର୍ଷା ହେବାର ସମ୍ଭାବନା ରହିଛି। ଯଦି ବର୍ଷା ଠିକ୍‌ ଭାବରେ ହୁଏ, ତାହାଲେ ଚାଷ ପୁଣି ଟ୍ରାକକୁ ଫେରିବ ବୋଲି ସୂଚନା ଦେଇଛନ୍ତି।



ଗୁଣ୍ଡିଚା ମନ୍ଦିରରେ ରୁଦ୍ରନାରାୟଣ ବେଶରେ ଦର୍ଶନ ଦେଲେ କେନ୍ଦୁଝରର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉ।

## ବିପତ୍ତାରିଣୀ ବ୍ରତ ପାଳିଲେ ମହିଳା

ହାଟଡିହୀ,୧୧।୭ (ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ତାରିଣୀ ମନ୍ଦିରରେ ମଙ୍ଗଳବାର ମହିଳାମାନେ ବିପତ୍ତାରିଣୀ ବ୍ରତ ପାଳନ କରି ପୂଜାର୍ଚ୍ଚନା କରିଥିଲେ। ଫଳରେ ମନ୍ଦିରଗୁଡ଼ିକରେ ପ୍ରବଳ ଭିଡ଼ ହୋଇଥିଲା। ବିଶେଷ କରି ଛେନାପଦି ବିଶ୍ୱ ତାରିଣୀ ଏବଂ ମରୈଗାଁ ତାରିଣୀ ମନ୍ଦିରରେ ବ୍ରତଧାରୀ ମହିଳାଙ୍କ ଭିଡ଼ ଜମିଥିଲା। ସକାଳୁ ମା'ଙ୍କ ସକାଳ ଧୂପ, ମଙ୍ଗଳ ଆଳତି, ପହିଲି ଭୋଗ, ବଡ ସିଂହାର ବେଶ ପରେ ସାଧାରଣ ଲୋକଙ୍କ ପାଇଁ ଦର୍ଶନ ଆରମ୍ଭ ହୋଇଥିଲା। ପୂଜକମାନଙ୍କ ମନ୍ତ୍ର ଧ୍ୱନିରେ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇଥିବା ବେଳେ ଆଖପାଖ ଅଞ୍ଚଳରୁ ଉପବାସ କରି ବ୍ରତଧାରୀ ମହିଳାମାନେ ମନ୍ଦିରରେ ପୂଜାର୍ଚ୍ଚନା କରି ହାତରେ ବ୍ରତ ବାନ୍ଧିଥିଲେ।

# ଧୋଇଯାଇଛି ପୋଲ ସଂଯୋଗୀ ରାସ୍ତା



## କ୍ଷେତକୁ ଯାତାୟାତ ବାଧାପ୍ରାପ୍ତ

ଆନନ୍ଦପୁର,୧୧।୭(ଶୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍‌ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତ ବିରିଡିହା ଏସ୍‌ଏଚ ରାସ୍ତାଠାରୁ ଘଣ୍ଟିଆ ନାଳ ପର୍ଯ୍ୟନ୍ତ ହୋଇଥିବା ରାସ୍ତା ଧୋଇଯାଇଛି। ଏବେ ଚାଷ କାମ ଜୋରସୋରରେ ଚାଲିଥିବା ବେଳେ ବିକଳ୍ପ ରାସ୍ତା ନ ଥିବାରୁ କ୍ଷେତକୁ ଚାଷ ଉପକରଣ ନେବାରେ ସମସ୍ୟା ଉପୁଜୁଛି। ଫଳରେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବିରିଡ଼ିହା ଗ୍ରାମରେ ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଗ୍ରାମରେ ଥିବା ଘାଣ୍ଟିଆ ନାଳ ଅପରପାର୍ଶ୍ୱରେ ପ୍ରାୟ କ୍ଷେତ ରହିଛି। ନାଳ କଡ଼େ କଡ଼େ ଦୋରସା ପଟୁ ମାଟି ହୋଇଥିବାରୁ ଏଠି ଚାଷୀ ବିଭିନ୍ନ ପ୍ରକାର ପନିପରିବା ଚାଷ ସହ ଧାନ ଚାଷ କରି ଦି ପଇସା ରୋଜଗାର କରନ୍ତି। ଚାଷୀଙ୍କ ସୁବିଧା ପାଇଁ ମକୁନ୍ଦ ବେହେରାଙ୍କ ଘରଠାରୁ ଘଣ୍ଟିଆ ନାଳ ପର୍ଯ୍ୟନ୍ତ ୧ କି.ମି. ଲମ୍ବ ବିଶିଷ୍ଟ ଏକ ରାସ୍ତା ନିର୍ମାଣ ସହ ଏକ ସ୍ଥାନରେ ପୋଲ ନିର୍ମାଣ ହୋଇଥିଲା। ଗତ ବର୍ଷ ଲଗାଣ ବର୍ଷାରେ ପୋଲ ନିକଟରୁ ମାଟି ଧୋଇଯାଇଥିଲା। ଫଳରେ ଚାଷୀ ଚାଷ କାର୍ଯ୍ୟ ପାଇଁ ଚାଷ ଉପକରଣ ଟ୍ରାକ୍ଟର, ପାୱାର ଟେଲର, ପାୱାର ଉଇଡର୍‌ ପ୍ରଭୃତି ଜମିକି ନେଇ ପାରୁନାହାନ୍ତି। ପୋଲ ସଂଯୋଗୀ ରାସ୍ତା ଖୁବ୍‌ଶୀଘ୍ର ମରାମତି ପାଇଁ ଗ୍ରାମର ଚାଷୀ ଯଦୁମଣି ଜେନା, ସୁଦର୍ଶନ ସାହୁ, ଯୁଧିଷ୍ଠିର ବେହେରା, ଅଭିମନ୍ୟୁ ସାହୁ, ରଘୁନାଥ ସାହୁ, ମନୋଜ ସାହୁ, ବାବାଜୀ ଖଟୁଆ, ହିମାଂଶୁ ବେହେରା, ଶିବ ବେହେରା ପ୍ରମୁଖ ନିବେଦନ କରିଛନ୍ତି। କଣ୍ଟିପାଳ ପଞ୍ଚାୟତ ପିଏସ୍‌ ମେମ୍ବର ଭଗବାନ ବେହେରା କହିଛନ୍ତି, ଏ ବିଷୟରେ ଅନେକ ଥର ବ୍ଲକ୍‌ରେ ଅଭିଯୋଗ କରାଯାଇଛି। ଏବେ ଜୁନ ମାସ ଥିବାରୁ କୌଣସି କାର୍ଯ୍ୟ ହୋଇପାରିନି ବୋଲି କହିଥିଲେ।

## ତୀର ମାଡ଼ରେ ସ୍ତ୍ରୀ ଗୁରୁତର ଘଟଣା: ସ୍ୱାମୀ ଗିରଫ

ପାଟଣା,୧୧।୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍‌ ଖଡ଼ିକାପଦା ପଞ୍ଚାୟତ ହରିଡ଼ା ଗୋଠ ଗ୍ରାମରେ ଗତ ଗୁରୁବାର ସଜନୀ ମୁଣ୍ଡା(୩୦)ଙ୍କୁ ତାଙ୍କୁ ସ୍ୱାମୀ ତୀରମାଡ଼ କରିଥିଲେ। ପୋଲିସ ଉକ୍ତ ଘଟଣାରେ ଫେରାର ଥିବା ଅଭିଯୁକ୍ତ ବିଶ୍ୱନାଥ ମୁଣ୍ଡାକୁ ହରିଚନ୍ଦନପୁର ଥାନା ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି। ବିଶ୍ୱନାଥଙ୍କ ଘର ହରିଚନ୍ଦନପୁର ଥାନା ହାତୀକୁଟା ଗ୍ରାମରେ ହୋଇଥିବା ବେଳେ ସେ ସାହାରପଡ଼ା ବ୍ଲକ ଖଡ଼ିକାପଦା ପଞ୍ଚାୟତ ହରିଡ଼ା ଗୋଠ ଗ୍ରାମର ସଜନୀଙ୍କୁ ବିବାହ କରିଥିଲେ। ପାରିବାରିକ କଳହକୁ ନେଇ ସଜନୀ ବାପଘରେ ରହୁଥିଲେ। ବିଶ୍ୱନାଥ ଘରକୁ ନେବାକୁ ଆସିଥିବା ବେଳେ ସଜନୀ ରାଜି ନ ହେବାରୁ ତୀର ବିଦ୍ଧ କରିଥିଲେ ବୋଲି ପୋଲିସ ଆଗରେ କହିଛନ୍ତି। ତୀର ସଜନୀଙ୍କ ପିଠି ପାର୍ଶ୍ୱରୁ ଗଳି ଆଗକୁ ବାହାରି ପଡ଼ିଥିଲା। କଟକ ବଡ଼ ଡାକ୍ତରଖାନାରେ ଅସ୍ତ୍ରୋପଚାର କରି ତୀରଟିକୁ କାଢ଼ି ଦିଆଯାଇଛି ଓ ସଜନୀ ବର୍ତ୍ତମାନ ସୁସ୍ଥ ଥିବା ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି।

# ୧୬ ଦିନରେ ନର୍ଭେରାମ ଖଣି ଆଗରେ ଆନ୍ଦୋଳନ

■ଖଣିଜ ଉତ୍ତୋଳନ, ପରିବହନ ଠପ୍‌

■କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆନ୍ଦୋଳନ ହେଉଛି: କମ୍ପାନୀ ଭିପି

ବଡବିଲ,୧୧।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଟଣ୍ଟୋସ୍ଥିତ ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ୍‌ ପ୍ରାଇଭେଟ ଲିମିଟେଡର ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଜୁନ ୨୬ରୁ ବିଭିନ୍ନ ଦାବି ନେଇ ସ୍ଥାନୀୟ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି। ଏହା ୧୬ ଦିନରେ ପହଞ୍ଚିଥିବା ବେଳେ ଆନ୍ଦୋଳନ ଯୋଗୁ ଖଣିରେ ଉତ୍ତୋଳନ କାର୍ଯ୍ୟ ଓ ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଟଣ୍ଟୋସ୍ଥିତ ମେସର୍ସ କେଏନରାମ୍‌ ନର୍ଭେରାମ ପାୱାର ଆଣ୍ଡ୍‌ ଷ୍ଟିଲ ପ୍ରାଇଭେଟ୍‌ ଲିମିଟେଡ କମ୍ପାନୀ ଖଣି ମୁଖ୍ୟ ଫାଟକ ସମ୍ମୁଖରେ ସେରେଣ୍ଡା, ଭଦ୍ରାସାହି, କାଶିଆ, ଝାଡଗାଁ, ଟଂଟୋ ଆଦି ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି। କମ୍ପାନୀ ସ୍ଥାନୀୟ ବେକାର ଯୁବତୀ, ଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ଦେଉ ନ ଥିବା, ସ୍ଥାନୀୟ ଲୋକଙ୍କୁ ଲୁହାପଥର ପରିବହନ କରିବା ନିମନ୍ତେ ସୁବିଧା ପ୍ରଦାନ କରୁ ନ ଥିବା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ କରୁ ନ ଥିବା, ସ୍ଥାନୀୟ ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେଉ ନ ଥିବା ଏବଂ ସରକାରଙ୍କ ନିୟମ ମୁତାବକ ସୁବିଧା ପ୍ରଦାନ କରୁ ନ ଥିବା ଦାବି ସମ୍ବଳିତ ପତ୍ର ଜରିଆରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ହେଁ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନ ହୋଇଥିବା ପୂର୍ବତନ ଭଦ୍ରାସାହି ସରପଞ୍ଚ ଅର୍ଜୁନ ସାଣ୍ଡିଲ କହିଛନ୍ତି। ଏପଟେ କମ୍ପାନୀର ଭାଇସ୍‌ ପ୍ରେସିଡେଣ୍ଟ ସଦାନନ୍ଦ ରଣା କହିଛନ୍ତି, ଦାବିଗୁଡ଼ିକ ଭିତ୍ତିହୀନ, ବେଆଇନ ବୋଲି ଦର୍ଶାଇଛନ୍ତି। ସିଭିଲ ଜଜ୍‌ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆନ୍ଦୋଳନକାରୀଙ୍କ ଆନ୍ଦୋଳନ ଜାରି ରହିଛି। କମ୍ପାନୀ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ବିରୋଧରେ ସିଭିଲ ଜଜ୍‌ (ସିନିୟର ଡିଭିଜନ), ଚମ୍ପୁଆ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ଗତ ୪ ତାରିଖ ଗୁରୁବାର ଚମ୍ପୁଆ ସିଭିଲ ଜଜ୍‌ କୋର୍ଟରେ ହୋଇଥିବା ମାମଲା ଆଇଏ ନଂ- ୩୦ ଅନୁଯାୟୀ ଅର୍ଜୁନ ସାଣ୍ଡିଲ, ପୀତବାସ ମହାକୁଡ, କସ୍ତୁରୀ ଓରାମ, ଅର୍ଜୁନ ଚରଣ ଦାସ, ସୁନୀଲ ଦତ୍ତ, ଗଣେଶ ଚନ୍ଦ୍ର ପଲେଇ, ଅରବିନ୍ଦ ମହାକୁଡ, ପୂର୍ଣ୍ଣଚନ୍ଦ୍ର ମହାକୁଡ, ସଞ୍ଜୀବ ବାରିକ ଓ ହୃଦାନନ୍ଦ ପଲେଇଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ପକ୍ଷଭୁକ୍ତ କରିଥିବା ଜଣାପଡ଼ିଛି। ଏ ନେଇ କୋର୍ଟ ଜୁଲାଇ ୨୪ ତାରିଖ ମଧ୍ୟରେ ଆନ୍ଦୋଳନରତ ଗ୍ରାମବାସୀଙ୍କୁ କମ୍ପାନୀର ରୋଇଡା-୨ ଆଇରନ ଓର୍‌ ମାଇନ୍ସ ଲିଜ ଅଞ୍ଚଳକୁ ପ୍ରବେଶ, ମୁଖ୍ୟ ଫାଟକ ଆଗରେ ଶାନ୍ତିଭଙ୍ଗ ନ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ଗ୍ରାମବାସୀଙ୍କ ଆନ୍ଦୋଳନ ଅବ୍ୟାହତ ରହିଥିବା ଖଣି କମ୍ପାନୀ କର୍ତ୍ତୃପକ୍ଷ ଅଭିଯୋଗ ଆଣିଛନ୍ତି।



ବନ୍ଦ ପଡିଥିବା ନର୍ଭେରାମ କମ୍ପାନୀର ରୋଇଡା-୨ ଲୌହ ଖଣି।

## ମୋ ବସ୍‌ଷ୍ଟାଣ୍ଡରେ ନିଯୁକ୍ତି ଦାବିରେ ପ୍ରତିବାଦ

ପାଟଣା,୧୧।୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ ମୁଖ୍ୟାଳୟ ସାଧୁପଡ଼ାରେ ଓଏସ୍‌ଆରଟିସି ପକ୍ଷରୁ ହୋଇଥିବା ମୋ ବସ୍‌ଷ୍ଟାଣ୍ଡରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବି ହୋଇଛି। ଏ ନେଇ ଗୁରୁବାର ସାଧୁପଡ଼ା ଅଞ୍ଚଳର ଶତାଧିକ ମହିଳା, ପୁରୁଷ ସକାଳୁ ବସ୍‌ଷ୍ଟାଣ୍ଡ ନିକଟରେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। ଅଭିଯୋଗ ମୁତାବକ, ପାଟଣା ବାହାର ଲୋକଙ୍କୁ ବସ୍‌ଷ୍ଟାଣ୍ଡରେ ନିଯୁକ୍ତି ଦିଆଯାଇଛି। ଗ୍ରାମର ଯୋଗ୍ୟତା ସମ୍ପର୍ଣ୍ଣ ଡ୍ରାଇଭର, କଣ୍ଡକ୍ଟର, ହେଲପର, ସୁଇପର, ସିକ୍ୟୁରିଟି, ମାଳିଆଦି ଥିବା ବେଳେ ନିଯୁକ୍ତିରେ ଉପେକ୍ଷା କରାଯାଇଛି। ସ୍ଥାନୀୟଙ୍କୁ ନିଯୁକ୍ତି ନ ଦେଲେ ବସ୍‌ଷ୍ଟାଣ୍ଡ ପ୍ରବେଶ ପଥ ଗେଟ୍‌ରେ ତାଲା ପକାଇବେ ବୋଲି ଅକ୍ଷୟ ମହାନ୍ତ, ବାଳି ମହାନ୍ତ, ଡାଳିମ୍ବ ମହାନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି। ଘଟଣାକୁ ନେଇ ବସ୍‌ଷ୍ଟାଣ୍ଡର ସୁପରିଭାଇଜର ପାଟଣା ଥାନାକୁ ଯାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ମଧ୍ୟ ବିଡ଼ିଓ, ତହସିଲଦାର ଓ ଥାନାରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅପରାହ୍ନରେ ଗ୍ରାମର ଏକ ପ୍ରତିନିଧି ମଣ୍ଡଳୀରେ ଜ୍ୟୋତି ରଞ୍ଜନ ମହାନ୍ତ, ସଚିତ୍ର ମହାନ୍ତ, ଚିକନ ମହାନ୍ତ, ଲୁନା ମହାନ୍ତ, ପ୍ରମିଳା ମହାନ୍ତ, ମୌନାବତୀ ମହାନ୍ତ, ଜ୍ୟୋତ୍ସ୍ନାରାଣୀ ମହାନ୍ତ ପ୍ରମୁଖ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବିଡିଓ ଶିବ ଶଙ୍କର ମୁର୍ମୁଙ୍କ ସହ କଥା ହୋଇ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଓ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ମଣ୍ଡଳୀ କହିଛନ୍ତି।

## ନୂତନ ଜିଲା ଜଜ୍‌ ପରିସର ପାଇଁ ଜମି ଚିହ୍ନଟ

କେନ୍ଦୁଝର,୧୧।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଜଜ କୋର୍ଟର ନୂତନ ପରିସର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବୁଧବାର ଏ ନେଇ ସ୍ଥାନୀୟ ଡାଙ୍ଗରପଡ଼ା ନିକଟରେ ଜେଲ ନିକଟରେ ୭ ଏକର ଜମି ଚିହ୍ନଟ କରାଯାଇ ହସ୍ତାନ୍ତର କାର୍ଯ୍ୟ ଆରମ୍ଭ ହୋଇଛି। ସଦର ତହସିଲ ଅଧୀନ ଆଟପୁର ମୌଜାର ଖାତା ନମ୍ବର୍‌ ୪୮୦ରେ ଜମି ଚିହ୍ନଟ ହୋଇଛି। ଏ ନେଇ ବିଚାରବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ମାପଚୁପ କରାଯାଇଛି।

## କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କୁ ଫେରାଦ

### ଆଦିବାସୀଙ୍କୁ ନିର୍ଯାତନା ଅଭିଯୋଗ

ବାରିପଦା,୧୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ବୁଡ଼ିଖମାରୀ ଗ୍ରାମ ପଞ୍ଚାୟତ ଜଳଡିହା ଗ୍ରାମର ଜଣେ ଆଦିବାସୀଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଥିବା ନେଇ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଗ୍ରାମରେ ଆତଙ୍କ ସୃଷ୍ଟି ସହ ସାମାଜିକ ବାସନ୍ଦ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, କୌଣସି କାରଣକୁ ନେଇ ଜଳଡିହା ଗ୍ରାମର କାହ୍ନୁ ଚରଣ ମୁର୍ମୁଙ୍କ ଜନସେବା କେନ୍ଦ୍ରକୁ ବାଡଘେରି ବନ୍ଦ କରିଦିଆଯାଇଛି। ଏନେଇ ବାଙ୍ଗିରିପୋଷି ଥାନା ଓ ସରପଞ୍ଚଙ୍କୁ ଅବଗତ କରାଯିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଉକ୍ତ କେନ୍ଦ୍ରକୁ ଗ୍ରାମର ମୁଖିଆ(ମାଝୀବାବା)ମାନେ ମିଳିତ ଭାବେ ଜୋର ଜବରଦସ୍ତ ବନ୍ଦ କରିଦେଇଛନ୍ତି। ଏହାକୁ ନେଇ ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଶାଖାର ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ସାମାଜିକ ବାସନ୍ଦ କରିଥିବା ମାଝୀବାବା ଏବଂ ଦୋକାନ ବନ୍ଦ କରିଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବନ୍ଦ କରାଯାଇଥିବା ଦୋକାନର କ୍ଷତିପୂରଣ ବାବଦରେ ୧୦ହଜାର ଟଙ୍କା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶାଖାର ଜୋନାଲ ଉପସଭାପତି ବାହାଦୂର ମୁର୍ମୁ, ଉପଖଣ୍ଡ ସଭାପତି ବିକାଶ ହେମ୍ବ୍ରମ, ଚନ୍ଦ୍ର ମୋହନ ମୁର୍ମୁ, ଲବ କିଶୋର ନାଏକ, ଭାଇର ମାର୍ଣ୍ଡିଙ୍କ ସହ କାଳିଚରଣ ଉପସ୍ଥିତ ଥିଲେ।



ଏସପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଆଦିବାସୀ ସେଙ୍ଗେଲ ଅଭିଯାନର କର୍ମକର୍ତ୍ତାମାନେ।

# ମୁଖ୍ୟମନ୍ତ୍ରୀଙ୍କୁ ବରିଷ୍ଠ ନାଗରିକ ମଞ୍ଚର ବଜେଟ ପ୍ରସ୍ତାବ

କେନ୍ଦୁଝର,୧୧।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାର ବଜେଟ ଆଗତ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରସ୍ତାବ ଦେବାକୁ ସବୁବର୍ଗର ଲୋକ ଓ ସଂଗଠନ ମାନଙ୍କୁ କହିଥିଲେ। ଏହି କ୍ରମରେ କେନ୍ଦୁଝର ବରିଷ୍ଠ ନାଗରିକ ମଞ୍ଚ (ସିନିଅର ସିଟିଜେନ ଫୋରମ) ପକ୍ଷରୁ କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ସୁରୁଖରେ ଦୈନନ୍ଦିନ ନୀତିକାନ୍ତି, ପୂଜାପାର୍ବଣ ତଥା ମନ୍ଦିର ପରିଚାଳନା ପାଇଁ ୪୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ ପ୍ରସ୍ତାବ ଦେଇଛନ୍ତି। ଜିଲା ମୁଖ୍ୟ ଡାକ୍ତରଖାନାଠାରୁ ସିଦ୍ଧମଠ ପର୍ଯ୍ୟନ୍ତ ରାସ୍ତା ପ୍ରସସ୍ତୀକରଣ ପାଇଁ ୨୦ କୋଟି, ବସ୍‌ ଟର୍ମିନାଲ ପୁନରୁଦ୍ଧାର ବାବଦକୁ ୫ କୋଟି, ସିଦ୍ଧମଠ ବାଇପାସ ନିକଟରେ ସାନଘାଗରା, ବଡ଼ଘାଗରା ତଥା ପୁରୁଣାସହର ଓ ସିଦ୍ଧମଠକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପ୍ରତିଷ୍ଠା ବାବଦକୁ ୫ କୋଟି, ସିଦ୍ଧମଠ ନିକଟରେ ଇକୋ ଟୁରିଜିମ ସେଣ୍ଟର ବାବଦକୁ ୧୦ କୋଟି, ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାଗୁଡ଼ିକର ଉନ୍ନତିକରଣ ସହ ସ୍ୱାଗତ ଗେଟ୍‌ ନିର୍ମାଣ ବାବଦକୁ ୫ କୋଟି, ପୁରୁଣା ସହରର ବହୁ ପୁରୁଣା ମାର୍କେଟ ଭେଣ୍ଡିଂ ଜୋନ୍‌ର ଉନ୍ନତିକରଣ ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ଦେଇଛନ୍ତି। କାନ୍‌ଝରୀ ଓ ସାନମାଛକାନ୍ଦଣା ଡ୍ୟାମରୁ ପାନୀୟ ଜଳ ଯୋଗାଣ ଯଥେଷ୍ଟ ହେଉ ନ ଥିବା ଏବଂ ଖରା ଦିନରେ ଜଳସଙ୍କଟ ଦେଖାଦେଉଥିବାରୁ ତୁରୁମୁଙ୍ଗା ନିକଟରୁ ବୈତରଣୀ ନଦୀରୁ ଜଳ ଯୋଗାଣ ପାଇଁ ୨୦ କୋଟି ଟଙ୍କା, ମଇଳା ଆବର୍ଜନା ସିଦ୍ଧମଠ ଅଞ୍ଚଳରେ ପକା ନ ଯାଇ ପରିଚାଳନା ପ୍ରକଳ୍ପ ପାଇଁ ୫ କୋଟି, କେନ୍ଦୁଝରରେ ମାଷ୍ଟର ପ୍ଲାନ କାର୍ଯ୍ୟକାରୀ କରି ୧ ନମ୍ବର ସହରରେ ପରିଣତ କରିବା ପାଇଁ ୨୦୦ କୋଟି, ଶ୍ରୀ ବାଲୁଙ୍କେଶ୍ୱର ଜମିରେ କେନ୍ଦୁଝର ଷ୍ଟାଡ଼ିୟମ ଚାଲିଥିବାରୁ ଆଇନଗତ ସମସ୍ୟା ସୃଷ୍ଟି ହେଉଥିବାରୁ ରାଙ୍କୁ ଅଞ୍ଚଳରେ ନୂତନ ଷ୍ଟାଡ଼ିୟମ ନିର୍ମାଣ ପାଇଁ ୨୦୦ କୋଟି, ସହରରେ ଲୋକଙ୍କ ସୁବିଧାରେ ଯାତାୟାତ ପାଇଁ ଅନୁନ୍ୟ ୧୦ ଟି ଟାଉନ ବସ ଚଳାଚଳ ବ୍ୟବସ୍ଥା କରିବାକୁ ୪ କୋଟି ଖର୍ଚ୍ଚ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଜିଲାର ତଥା ସଦର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଜିଲା ମୁଖ୍ୟାଳୟର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ରହିଛନ୍ତି। ଏଭଳି ସମୟରେ ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ରହିଥିବା ମନ୍ଦିର ମାଳିନୀ ଓ ପରିବେଶ ସମୃଦ୍ଧ ଜିଲାର ବିକାଶ ଜରୁରୀ ହୋଇଥିବା ନେଇ ବିଚାର କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଥିବା ମଞ୍ଚର ସଭାପତି ସରୋଜ କୁମାର ରଣା କହିଛନ୍ତି।

